୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.26 . No.152 Bhubaneswar Sunday July 21 2024 | ୨୬ତମ ବର୍ଷ ସଂଖ୍ୟା-୧୫୨ ଭୁବନେଶ୍ୱର, ରବିବାର, ଜୁଲାଇ ୨୧, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS





ପୁରୀଠାରେ ଦୁଇଦିନ ଧରି ଚାଲିଥିବା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଉଦ୍‌ଯାପିତ

## ମୂଲ୍ୟବାନ ସମ୍ପତ୍ତି ବିଜେଡିକୁ କାହିଁକି, ରାଜ୍ୟବାସୀଙ୍କ କେଉଁ ସ୍ୱାର୍ଥରେ ଲାଗୁଛି ଶଙ୍ଖ ଭବନ?

ଭୁବନେଶ୍ୱର,୨୦।୭(ପି.ଏନ): ବିଜେଡି ସରକାର ରାଜଧାନୀର ମୂଲ୍ୟବାନ ସରକାରୀ ଜମିକୁ 'ବିଜେଡିର ରାଜ୍ୟ ମୁଖ୍ୟାଳୟ ଶଙ୍ଖଭବନ' ନିର୍ମାଣ ପାଇଁ ଟେକିଦେବା ଏବେ ବିବାଦୀୟ ମୋଡ ନେଇଛି । ଶଙ୍ଖଭବନ ଜମି ଲିଜ୍ ପ୍ରସଙ୍ଗ ଓ ନିର୍ମାଣ କାର୍ଯ୍ୟରେ କୌଣସି ଅସଙ୍ଗତି ହୋଇନାହିଁ ବୋଲି ବିଜେଡି ଯୁକ୍ତି ବାଢୁଥିଲେ ମଧ୍ୟ ବିମାନ ବନ୍ଦର ଓ ରାଜ୍ୟ ସଚିବାଳୟଠୁ ମାତ୍ର ୧କିମି ଦୂରରେ ଥିବା ସରକାରୀ କ୍ୱାର୍ଟସକୁ ଭାଙ୍ଗି 'ଶଙ୍ଖଭବନ' ନିର୍ମାଣ ପାଇଁ ଜମି ପ୍ରଦାନ କରାଯିବା କାହା ସ୍ୱାର୍ଥରେ ଥିଲା ବୋଲି ଏବେ ପ୍ରଶ୍ନ ଉଠିଛି । ଶଙ୍ଖ ଭବନକୁ ଦିଆଯାଇଥିବା ସାଧାରଣ ପ୍ରଶାସନ ବିଭାଗର ଜମିର 'କିସମ' ସଡକକୁ ବେଆଇନ ଭାବେ 'ଘରବାରି'କୁ ପରିବର୍ତ୍ତନ ହୋଇଥିବା ନେଇ




ଅଭିଯୋଗ ହେବାପରେ ତା'ର ତଦନ୍ତ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମକୁ କହିଛନ୍ତି । ରାଜଧାନୀ ଭୁବନେଶ୍ୱରର ଗଙ୍ଗନଗର ମୌଜା ଅନ୍ତର୍ଗତ କ୍ୟାପିଟାଲ ହସ୍ପିଟାଲ ପାଶ୍ୱର୍ରେ ୧.୧୮୩ଏକର ପରିମିତ ଜମିରେ ବିଜେଡିର ରାଜ୍ୟ ମୁଖ୍ୟାଳୟ 'ଶଙ୍ଖ ଭବନ' ନିର୍ମାଣ ହୋଇଛି । ଏହି ସମସ୍ତ ଜମି ରାଜ୍ୟ ସାଧାରଣ ପ୍ରଶାସନ ବିଭାଗର । ଏହି ଜମି ଉପରେ ଥିବା ୪ଟି ସରକାରୀ କ୍ୱାର୍ଟର୍ସକୁ ଭାଙ୍ଗି ବିଜେଡିକୁ ଭବ୍ୟ କୋଠା ନିର୍ମାଣ କରିବାକୁ ତତକାଳୀନ ବିଜେଡି ସରକାର ଅନୁମତି ଦେଇଥିଲେ । ଦଳ କ୍ଷମତାରେ ଥିବାରୁ ତା'ର ଫାଇଦା ଉଠାଇ କରୋନା ମହାମାରୀ କଟକଣାବେଳେ ଗଙ୍ଗନଗର ମୌଜାର ପ୍ଲଟ ନମ୍ବର ୭୯୭ର (ଆଂଶିକ ବା ୦୮୨ ଡିସିମିଲ), ପ୍ଲଟ ୭୯୮ର(ଆଂଶିକ ବା ୦୭୩ ଡିସିମିଲ), ପ୍ଲଟ ନମ୍ବର ୭୯୭/୮୪୯ର ୦୩୮୩ ଏବଂ ପ୍ଲଟ ନମ୍ବର ୮୦୦ର ୬୪୫ଡିସିମିଲ ଜମିକୁ ଲିଜ୍ ସୂତ୍ରରେ ବିଜେଡିକୁ ଦେବା ପାଇଁ ତତକାଳୀନ ବିଜେଡି ସରକାର ନିଷ୍ପତ୍ତି ନେଇଥିଲେ । ତେବେ ଏହି ୪ଟି ପ୍ଲଟ୍ ମଧ୍ୟରୁ ୭୯୮ ନମ୍ବର ପ୍ଲଟର କିସମ 'ସଡକ' ଥିଲା । ଏହି ସମସ୍ତ ଜମିକୁ ଏକର ପିଛା ୧୦.୪୭କୋଟି ଟଙ୍କାର ବେଂଚ୍‌ମାର୍କ ଭାଲ୍ୟୁଏସନ ଆଧାରରେ ସରକାର ବିଜେଡିକୁ ୧୨ କୋଟି ୯୩ ଲକ୍ଷ ୯୨ହଜାର ୧୨୩ଟଙ୍କାରେ ଦେଇଥିଲେ । ଏଥିରେ ୪ଟି କ୍ୱାର୍ଟର୍ସ ବାବଦ ୫୫ ଲକ୍ଷ ୩୨ ହଜାର ଟଙ୍କା ସାମିଲ୍ ଅଛି ।

## ସନ୍ତୃପ୍ତ ମିଶ୍ରଙ୍କୁ 'ବସ୍' ସ୍ୱୀକାର କଲେ ପ୍ରସନ୍ନ, ଦେବୀ, ପ୍ରମିଳା ଓ ପ୍ରତାପ

ଭୁବନେଶ୍ୱର,୨୦।୭(ପି.ଏନ):ଯେଉଁ ତ୍ରୁଟି ପାଇଁ ବିଜେଡିର ୨୪ବର୍ଷର ଶାସନର ଅନ୍ତ ଘଟିଲା, ଦଳ ଏବେପୁଣି ସେହି ମାର୍ଗରେ । ରାଜନୀତିର 'ର' ଅକ୍ଷର କି ଅଭିଜ୍ଞତା ନଥିବା ତଥା କର୍ପୋରେଟ ଜଗତରୁ ଆମଦାନୀ ସନ୍ତୃପ୍ତ ମିଶ୍ରଙ୍କୁ ବିଜେଡିର ବରିଷ୍ଠ ନେତାମାନେ ନିଜର 'ବସ୍' ବୋଲି ଆଜି ବିଧିବଦ୍ଧ ଭାବେ ସ୍ୱୀକାର କରିଛନ୍ତି । ଶଙ୍ଖ ଭବନରେ ଆୟୋଜିତ ଆଜିର ବୈଠକରେ ଦଳର ପୁରୁଖା ନେତା ପ୍ରସନ୍ନ ଆଚାର୍ଯ୍ୟ,ଦେବୀପ୍ରସାଦ ମିଶ୍ର ଓ ପ୍ରମିଳା ମଲ୍ଲିକଙ୍କଠୁ ଆରମ୍ଭ କରି ପ୍ରତାପ ଜେନା, ଅରୁଣ ସାହୁ, ପ୍ରତାପ ଦେବ, ସୁଦାମ ମାର୍ଣ୍ଡି, ରମେଶ ମାଝୀ



ପର୍ଯ୍ୟନ୍ତ ସମସ୍ତେ ପ୍ରାୟତଃ ନବାଗତ ସନ୍ତୃପ୍ତଙ୍କୁ 'ବିଜେଡିର ନୂଆ ବସ୍' ବୋଲି ସ୍ୱୀକାର କରିଥିବା ଜଣାପଡିଛି ।ସୂଚନା ଅନୁସାରେ, ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଗତ ୭ତାରିଖରେ ବିଜେଡିର ୧୯ଜଣିଆ ମୁଖପାତ୍ର ଟିମ୍ ଗଢ଼ିବା ପରେ ଆଜି ଶଙ୍ଖଭବନରେ ପ୍ରଥମଥର ପାଇଁ ବୈଠକ ହୋଇଥିଲା । ମୁଖପାତ୍ର ଟିମରେ ଦଳର ବହୁ ପୁରୁଖା ଓ ଅଭିଜ୍ଞ ନେତାମାନେ ଥିଲେ ମଧ୍ୟ ନବାଗତ ସନ୍ତୃପ୍ତ ମିଶ୍ରଙ୍କ ଠାଣି ଆଜି 'ବିଜେଡି ବସ୍' ଭଳି ହୋଇଥିବା ଜଣାପଡିଛି । ସେଂଟର ଟେବୁଲର ଶୀର୍ଷଭାଗରେ ଗୋଟିଏ ଚେୟାରରେ ଏକା ସନ୍ତୃପ୍ତ ମିଶ୍ର ବସିଥିଲେ । ଟେବୁଲର ଅନ୍ୟ ୩ପାଖରେ ଦଳୀୟ ନେତାମାନେ ବସିବା, ବୈଠକକୁ ସନ୍ତୃପ୍ତ ପରିଚାଳନା କରିବା ଏବଂ ଦଳର ପୁରୁଖା ନେତାମାନେ ଏସବୁକୁ ନିରବରେ ସମ୍ମତି ଦେବା ହିଁ ବିଜେଡିରେ ସନ୍ତୃପ୍ତଙ୍କୁ 'ନୂଆ କ୍ଷମତାକେନ୍ଦ୍ର'ର ସନ୍ଦେଶ ଦେଉଥିବା ଦଳୀୟ ମହଲରେ ଚର୍ଚ୍ଚା ।

### ନାବାଳିକାଙ୍କୁ ଗଣଦୁଷ୍କର୍ମ; ୪ ଜଣଙ୍କୁ ୨୦ ବର୍ଷ ଲେଖାଏଁ ଜେଲ୍, ୪ ଲକ୍ଷ ଜରିମାନା

ଯାଜପୁରସଦର,୨୦।୭(ପି.ଏନ): ଗଣଦୁଷ୍କର୍ମ ଅଭିଯୋଗରେ ଯାଜପୁର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଆଜି ୪ଜଣ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରି ୨୦ ବର୍ଷ ଲେଖାଏଁ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ସେମାନଙ୍କୁ ୪ଲକ୍ଷ ଟଙ୍କା ଜରିମାନା ଏବଂ ଅନାଦାୟ ଅଧିକ ୬ମାସ କାରାଦଣ୍ଡ ଭୋଗିବା ନେଇ ରାୟ ଶୁଣାଇଛନ୍ତି । ଏହି ଲୋମଟାଙ୍କୁରା ଘଟଣା ଯାଜପୁର ଜିଲ୍ଲା କାଳିଆପାଣି ଥାନା ଅଞ୍ଚଳରେ ୨୦୨୧ ମସିହାରେ ଘଟିଥିଲା । ଦଣ୍ଡାଦେଶ ପାଇଥିବା ଅଭିଯୁକ୍ତମାନେ ହେଲେ ଟାଟା ମାଇନ୍ସ କଲୋନିର ସତ୍ୟବ୍ରତ ବେହେରା (୨୪), ରବି ନାୟକ (୨୪), ସନ୍ତୋଷ ପୃଷ୍ଟି (୨୩) ଓ ଉମେଶ ମହାନ୍ତ (୪୮) । ମାମଲାର ବିବରଣୀ ଅନୁସାରେ ୨୦୨୧ ମାର୍ଚ୍ଚ ୭ ତାରିଖ ଦିନ ଜନୈକା ନାବାଳିକା ଯୁକ୍ତ୨ ଛାତ୍ରୀ ପୁରୁଷବନ୍ଧୁଙ୍କ ସହିତ ଖଣିଅଞ୍ଚଳ ବୁଲି ସନ୍ଧ୍ୟାରେ ଫେରୁଥିଲେ । ଜଙ୍ଗଲ ରାସ୍ତା ଦେଇ ନିଜ ଘରକୁ ଫେରିବା ସମୟରେ ଅଭିଯୁକ୍ତମାନେ ଉଭୟଙ୍କୁ କାବୁ କରି ନେଇଥିଲେ । ପୁରୁଷବନ୍ଧୁଙ୍କୁ କାବୁ କରିବା ପରେ ନାବାଳିକାଙ୍କୁ ଜଣକ ପରେ ଜଣେ ଗଣଦୁଷ୍କର୍ମ କରିଥିଲେ ।

## ବାଘଛାଲ ବ୍ୟବସାୟୀ ସମେତ ୪ ଶିକାରୀ ଗିରଫ

ଫୁଲବାଣୀ,୨୦।୭(ପି.ଏନ): ଫୁଲବାଣୀ ବନଖଣ୍ଡ ଅନ୍ତର୍ଗତ ଟିକାବାଲି ଏବଂ ଫୁଲବାଣୀ ରେଞ୍ଜ ଅଧିକାରୀଙ୍କ ମିଳିତ ଚଢ଼ଉ କରାଯାଇ ୨ଟି କଲରାପତରିଆ ବାଘ ଓ ୩ କୁଟୁରା ଛାଲ ଜବତ ହୋଇଛି । ଏହି ମାମଲାରେ ବନବିଭାଗ ଦୁଇ ବ୍ୟବସାୟୀ ସମେତ ୪ ଶିକାରୀଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ବନ୍ୟପ୍ରାଣୀ ଚମଡା କାରବାରରେ ଲିପ୍ତ ଥିବା ନୟାଗଡ ଜିଲ୍ଲା ନୂଆଗାଁ ଥାନା କୃଷ୍ଣପ୍ରସାଦ ଗ୍ରାମର ଧନେଶ୍ୱର ନାୟକ ଓ କନ୍ଧମାଳ ଜିଲ୍ଲା ଖଜୁରୀପଡା ଥାନା ଗୁମରୀଖୋଲ ଗ୍ରାମର ଶରତ ମଲ୍ଲିକ । ଉଭୟେ ବନ୍ୟପ୍ରାଣୀ ଚମଡା କାରବାରରେ ଲିପ୍ତ ଥିବା ଖବର ପାଇ ବନ ବିଭାଗ ସେମାନଙ୍କୁ କାବୁ କରିଥିବା ବେଳେ ସେମାନଙ୍କୁ ପଚରାଉଚରା ପରେ ଏଥିରେ ସଂପୃକ୍ତ



ଥିବା ଚାରି ଶିକାରୀଙ୍କୁ ଗିରଫ କରିଥିବା ଜଣାପଡିଛି । ଗିରଫ ଚାରି ଶିକାରୀଙ୍କ ମଧ୍ୟରେ ଖଜୁରୀପଡା ଥାନା ବ୍ରଡିଗୁଡାର ଗୌରାଙ୍ଗ ମଲ୍ଲିକ, ଖାଉମୁଣ୍ଡାର ସଦାନନ୍ଦ କହଁର, ବ୍ରଡିଗୁଡାର ସନ୍ତୋଷ ମଲ୍ଲିକ ଦଞ୍ଜୁ ଗ୍ରାମର ବିଭସ୍ ମଲ୍ଲିକ ରହିଛନ୍ତି । ବନ ଅଭିଯୁକ୍ତଙ୍କ ନିକଟରୁ ଦେଶୀ ବନ୍ଧୁକ, ୨ଟି ବାଟୁଲିଖଡା, ଧନୁତୀର ଓ ଫାଶ ସହ ଏକ ବାଇକ୍ ମଧ୍ୟ ଜବତ୍ କରିଛି । ଏନେଇ କେସ ନଂ ୫୮/୨୪ରେ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଫୁଲବାଣୀ ଡିଏଫ୍‌ଓ ପ୍ରଶାନ୍ତ ପଟେଲ୍ ସୂଚନା ଦେଇଛନ୍ତି ।ସୂଚନା ପ୍ରକାରେ ବନବିଭାଗ କୌଣସି ସୂତ୍ରରୁ ବନ୍ୟପ୍ରାଣୀ ଚମଡା କାରବାର ହେଉଥିବା ଖବର ପାଇ ଟିକାବାଲି ଓ ଫୁଲବାଣୀ ରେଞ୍ଜ ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କୁ ଏକ ଟିମ୍ ଗଠନ କରିଥିଲା । ଟିମ୍‌ରେ ରହିଥିବା ଫୁଲବାଣୀ ମଳୟ ରଞ୍ଜନ କାଲୁ, ଫୁଲବାଣୀ ବନାଞ୍ଚଳ ଅଧିକାରୀ ଚିଦାନନ୍ଦ ଲେଙ୍କା, ଟିକାବାଲି ବନାଞ୍ଚଳ ଅଧିକାରୀ ମାଣିକେଶ୍ୱରୀ ପଟ୍ଟନାୟକ, ଟିକାବାଲି ବନପାଳ ଶ୍ରୀଧର ସାହୁ ଶଙ୍କରାଖୋଲ ବନରକ୍ଷୀ ଏ.ସନ୍ତୋଷ କୁମାର, ଟିକାବଲି ବନରକ୍ଷୀ ଅରୁଣ ପାତ୍ର ଓ ପାରା ୱାଚର ସାମିଲ ହୋଇ ଶଙ୍କରାଖୋଲ ଅଞ୍ଚଳରେ ଚଢ଼ଉ କରିଥିଲେ । ଗତ ୧୬ ତାରିଖ ବିଳମ୍ବିତରେ ଲାଇନପଡା ଓ ବେହେରା ଗାଁ ରାସ୍ତାରେ ପ୍ରଥମେ ଦୁଇ ବେପାରୀ ଧନେଶ୍ୱର ଓ ଶରତ ବାଇକ୍ ଯାଉଥିବା ବେଳେ ସେଠାରେ ଉଭୟଙ୍କୁ କାବୁ କରି ସେମାନଙ୍କ ଠାରୁ ଦୁଇଟି ବାଘଛାଲ ଜବତ କରିଥିଲେ । ପରେ ସେମାନଙ୍କ ପଚରାଉଚରା ପରେ ଏଥିରେ ସଂପୃକ୍ତି ଥିବା ଅନ୍ୟ ୪ ଜଣ ଧରାପଡିଥିଲେ । ସ୍ଥାନୀୟ ଅଞ୍ଚଳରେ ଶିକାର କରି ବନ୍ୟପ୍ରାଣୀ ଚମଡା ସଂଗ୍ରହ ପରେ ଏହା ଅନ୍ୟ ରାଜ୍ୟକୁ ବହୁମୂଲ୍ୟରେ ଚାଲାଣ ହେଉଥିବା ଜଣାପଡିଛି । ତେବେ ଏହି ରାକେଟରେ କେଉଁମାନେ ସଂପୃକ୍ତ ଅଛନ୍ତି ସେନେଇ ବନବିଭାଗ ଖୋଳତାଡ କରୁଥିବା ଜଣାକହିଛି ।



ଦୈନିକ ପର୍ଯ୍ୟବେକ୍ଷକ ଓ ଦି କଳିଙ୍ଗ କ୍ରୋନିକିଲ ସମୁହର ମୁଖ୍ୟ ସମ୍ପାଦକ ଡକ୍ଟର ପବିତ୍ରମୋହନ ସାମନ୍ତରାୟ ପୂର୍ବତନ ରାଜ୍ୟ ଯୁଗ୍ମ ସମବାୟ ନିବନ୍ଧକ ସ୍ୱର୍ଗତ ଅଶ୍ୱିନୀ କୁମାର ସ୍ୱାଇଁଙ୍କ ଏକାଦଶାହ କାର୍ଯ୍ୟକ୍ରମରେ କଟକ ତିନିଘରିଆ ସ୍ଥିତ ବାସଭବନରେ ଶ୍ରାଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି

## ବିଜେଡି ନେତାଙ୍କ ପଥର କ୍ୱାରୀ; ବିରୋଧରେ କଲେ ମିଳୁଛି ହତ୍ୟା ଧମକ !

ଭୁବନେଶ୍ୱର,୨୦।୭(ପି.ଏନ): ଚାଲିଛି ଖଣି ମାଫିଆଙ୍କ ଅରାଜକତା । ମୁହଁ ଖୋଲିଲେ ବାହାର କରୁଛନ୍ତି ଖଣ୍ଡା-ଭୁଜାଲି । ପ୍ରତିବାଦ କଲେ ମାରିଦେବାକୁ ଦେଉଛନ୍ତି ଧମକ । ବିଜେଡିର ଅଖଣ୍ଡ କ୍ଷମତାର ଛତ୍ରଛାୟା ତଳେ ରହି ରାଜୁତି ଚଳାଇଛନ୍ତି ପଥର ଖଣି ମାଫିଆ । ଏ କାହାଣୀ ନୟାଗଡ ଜିଲ୍ଲା ଭାପୁର ତହସିଲ୍ ? ଅନ୍ତର୍ଗତ ନିମାଣୀ ପଞ୍ଚାୟତର । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଜିଲ୍ଲାପ୍ରଶାସନ ସବୁ ଜାଣି ଚୁପ୍ ବସିଛି । ଏନେଇ ପ୍ରଶ୍ନ କଲେ ଚିରାଚରିତ ଢଙ୍ଗରେ ଜିଲ୍ଲାପାଳ କହୁଛନ୍ତି ତଦନ୍ତ ଚାଲିଛି ।ଗାଁକୁ ଲାଗିଛି କାସିଆ ପାହାଡ । ଯେଉଁଠି କାୟା ମେଲାଇଛି ନୟାଗଡ ଜିଲ୍ଲା ବୃହତ ଖଣି । ଏହି ପଥର କ୍ୱାରୀରେ ଅନବରତ ଚାଲିଛି ଖନନ କାର୍ଯ୍ୟ । ନା ଦିନ ନା ରାତି । ଅହରହ ବୁହା ଚାଲିଛି ପଥର । ଜନବସତି ଅଞ୍ଚଳରେ ଦୌଡୁଥିବା ହାଇୱା ଚକା ତଳେ କେତେ ଜୀବନ ଗଲାଣି, ତାହାର ହିସାବ କାହା ପାଖରେ ନାହିଁ । ବର୍ଷକର ଦାନାପାଣିର ଠିକଣା ସାଜିଥିବା ଚାଷଜମି, ଘରଦ୍ୱାର ଅବସ୍ଥା ନକହିବା ଭଲ । ଏହି ପଥର କ୍ୱାରୀ ଯୋଗୁ ନିମାଣି ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳରେ ସତେ ଯେମିତି ରୁନ୍ଧି ହୋଇଯାଇଛି ଜନଜୀବନ । ଶେଷରେ ଲୋକଙ୍କ ନିଷ୍ପତ୍ତି, ଏହି କ୍ୱାରୀ ବନ୍ଦ ନହେଲେ ନିର୍ଣ୍ଣାୟକ ଲଢ଼େଇ ପାଇଁ ରାଜରାସ୍ତାକୁ ଓହ୍ଲାଇବେ ।

## ପ୍ରକାଶ ପାଇଲା +୨ ମେଧା ତାଲିକା, ସବୁଠାରୁ ଆଗରେ ରେଭେନ୍ସା

କଟକ,୨୦।୭(ପି.ଏନ): ଯୁକ୍ତ ୨ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଛି । କଳା, ବାଣିଜ୍ୟ ଓ ବିଜ୍ଞାନ ପାଇଁ ମେଧା ତାଲିକା ପ୍ରକାଶ ପାଇଛି । ମେଧା ତାଲିକାରେ ୪ ଲକ୍ଷ ୨୬ ହଜାର ୪୭୨ ପିଲା ସ୍ଥାନ ଅଧିକାର କରିଛନ୍ତି । ତେବେ ଏହି ତାଲିକାରୁ ୪୯ ହଜାର ୬୨୧ ଜଣ ବାଦ୍ ପଡିଛନ୍ତି । କଳା, ବାଣିଜ୍ୟ ଓ ବିଜ୍ଞାନରେ ରେଭେନ୍ସା କଲେଜ ଶୀର୍ଷରେ ରହିଛି । ରେଭେନ୍ସାରେ କଳା – ୭୫.୧୬ ପ୍ରତିଶତ, ବାଣିଜ୍ୟ-୭୭%, ବିଜ୍ଞାନ- ୯୧.୫୦% ।



## ନବୀନ ନିବାସରେ ପାଣ୍ଡିଆନଙ୍କ ଆଗରେ ବବି-ଡ୍ୟାନି ତୁତୁମେମେ, ନବୀନ କଲେ ହସ୍ତକ୍ଷେପ

ଭୁବନେଶ୍ୱର,୨୦।୭(ପି.ଏନ): ବିଜେଡିର ୨୪ବର୍ଷର ସରକାରର ପତନ ପରେ ଦଳରେ ଅନ୍ତଃକନ୍ଦଳ ବଢ଼ିବାରେ ଲାଗିଛି । ନବୀନ ନିବାସରେ ଯାଜପୁର ଜିଲ୍ଲାର ଦୁଇ ବିଜେଡି ନେତା ପ୍ରଣବପ୍ରକାଶ ଦାସ(ବବି) ଓ ପ୍ରୀତିରଞ୍ଜନ ଘଡେଇ(ଡ୍ୟାନି) ହାତାହାତି ହେବା ଘଟଣା ଏବେ ବିଜେଡି ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି । ସକ୍ରିୟ ରାଜନୀତିରୁ ସନ୍ୟାସ ଘୋଷଣା କରିଥିବା ବିଜେଡିର ସର୍ବେସର୍ବା ଭିକେ ପାଣ୍ଡିଆନଙ୍କ ଉପସ୍ଥିତିରେ ବବି-ଡ୍ୟାନି 'ତୁତୁମେମେ' ହେବାପରେ ପରିସ୍ଥିତି ଅଣାୟତ୍ତ ହେବାରୁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ହସ୍ତକ୍ଷେପ କରିବାକୁ ପଡିଥିଲା । ଆଉ ପାଣ୍ଡିଆନଙ୍କ ଛତ୍ରଛାୟାରେ ରହି





'ଧରାକୁ ସରା ମଣୁଥିବା' ବବିଙ୍କୁ ନିରାଶ ହେବାକୁ ପଡିଛି ଓ ଡ୍ୟାନିଙ୍କ ଦାବିକୁ ନବୀନ ଗ୍ରହଣ କରିନେଇଥିବା ଜଣାପଡିଛି ।ନବୀନ ନିବାସ ସୂତ୍ର ଅନୁସାରେ, ଯାଜପୁର ଜିଲ୍ଲାର ଦୁଇ ନେତା ବବି ଓ ଡ୍ୟାନିଙ୍କୁ ଡକାଇ ସେମାନଙ୍କ ମଧ୍ୟରେ ଥିବା ବିବାଦର ସମାଧାନ ପାଇଁ ପାଣ୍ଡିଆନ ସମାଧାନ ପାଇଁ ଉଦ୍ୟମ କରିଥିଲେ । କିନ୍ତୁ ପାଣ୍ଡିଆନଙ୍କ ସମ୍ମୁଖରେ ଦୁଇ ନେତା ପରସ୍ପର ବିରୋଧରେ ବର୍ଷିବା ସହ ତୁତୁମେମେ ଏପରିକି ହାତାହାତି ହେବା ପର୍ଯ୍ୟନ୍ତ କଥା ଯାଇଥିଲା । ଗତ ନିର୍ବାଚନରେ ସୁକିନ୍ଦା ଓ କୋରୋଇରେ ବିଜେଡି ପ୍ରାର୍ଥୀଙ୍କୁ ହରାଇବା ଉଭୟ ପକ୍ଷରୁ ହୋଇଥିବା ଷଡଯନ୍ତ୍ରକୁ ନେଇ ମଧ୍ୟ ଦୁଇ ନେତା ପରସ୍ପରକୁ ଦୋଷାରୋପ କରିବା ସହ ବର୍ଷିଥିବା ଜଣାପଡିଛି । ଆଉ ସ୍ଥିତି ପାଣ୍ଡିଆନଙ୍କ ନିୟନ୍ତ୍ରଣକୁ ବାହାରକୁ ପଳାଇଥିଲା ଓ ଶେଷରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ହସ୍ତକ୍ଷେପ କରିବା ସହ ଡ୍ୟାନିଙ୍କ ଦାବିକୁ ସମର୍ଥନ କରିଥିଲେ । ଆଉ ବବି ଚାହୁଁଥିବା କାର୍ଯ୍ୟ ହେବନି ବୋଲି ସ୍ପଷ୍ଟ କରିଦେଇଥିଲେ । ନବୀନଙ୍କ ଗରମ ମିଜାଜ୍ ଦେଖିବାପରେ ବବି ନିରବ ରହିଥିବା ସୂଚନା ମିଳିଛି ।

## ମେଡିକାଲ୍‌ରେ ପଶିଲା ଆଣ୍ଠୁଏ ଉଚ୍ଚର ପାଣି; ଭାସିଗଲା ବହୁ ଔଷଧ

ଭୁବନେଶ୍ୱର,୨୦।୭(ପି.ଏନ): ମେଡିକାଲ୍‌ରେ ପଶିଲା ପାହାଡିଆ ପାଣି । ଆଉ ସେହି ପାଣିରେ ଭାସିଗଲା ବହୁ ଔଷଧ । ଏପରି ଚିତ୍ର ଦେଖିବାକୁ ମିଳିଛି ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳରେ । ସେପଟେ ଲଗାତାର ବର୍ଷା ଯୋଗୁ ସିଲେରୁ ଓ ସାବେରୀ ନଦୀ ଫୁଲିଥିବାରୁ ଆନ୍ଧ୍ର ଓ ତେଲେଙ୍ଗାନା ମଧ୍ୟରେ ଯୋଗାଯୋଗ ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି ।ଲଘୁଚାପ ଯୋଗୁ ଦୁଇ ଦିନ ହେଲା ମାଲକାନଗିରି ଜିଲ୍ଲାରେ ବର୍ଷା ଲାଗି ରହିଛି । ବର୍ଷା ଯୋଗୁ ବନ୍ୟା ସ୍ଥିତି ଉପୁଜିଛି । ଆଜି ସକାଳ ପ୍ରାୟ ୮ଟା ହେବ । ସବୁଦିନ ପରି ଆଜି ସ୍ୱାଭିମାନ ଅଞ୍ଚଳର ଯୋଡାମ୍ବ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିଥିଲା । ଠିକ୍ ସେହି ସମୟରେ ପାହାଡିଆ ପାଣି ମାଡି ଆସିଥିଲା । ଆଉ ଚାହୁଁଚାହୁଁ ସେହି ପାଣି ମେଡିକାଲ୍ ଭିତରେ ପଶି ଯାଇଥିଲା । ଆଖି ଆଗରେ ବନ୍ୟାପାଣିରେ ଭାସି ଯାଇଥିଲା ବିଭିନ୍ନ ଔଷଧ, ଯନ୍ତ୍ରାଂଶ, କାଗଜପତ୍ର । ମେଡିକାଲ୍‌ର ସବୁ ଆସବାବପତ୍ର ନଷ୍ଟ ହୋଇଥିବା ନେଇ ସୂଚନା ଦେଇଛନ୍ତି ମେଡିକାଲ କର୍ତ୍ତୃପକ୍ଷ ।

## ରାଜ୍ୟରେ ରହିବନି ଝୁମ୍ପୁଡି ଘର': ସୁରେଶ ପୂଜାରୀ

ଭୁବନେଶ୍ୱର,୨୦।୭(ପି.ଏନ): ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କର ବଡ ବିବୃତ୍ତି ସାମ୍ନାକୁ ଆସିଛି । ତାଙ୍କ କହିବାନୁଯାୟୀ, '୨୦୩୬ ସୁଦ୍ଧା ନୂଆ ଓଡିଶା ଦେଖିବ ସାରା ବିଶ୍ୱ । ଆଧୁନିକ ଓ ବିକଶିତ ଓଡିଶା ପାଇଁ ଶପଥ ନିଆଯାଇଛି । ଓଡିଶା ଅସ୍ମିତାକୁ ବିଶ୍ୱ ଦରବାରରେ ପହଞ୍ଚାଯିବ । ବିଜେପି ସରକାର ଲୋକଙ୍କ ସରକାର ହେବ । ରାଜ୍ୟ ମୁଖ୍ୟମନ୍ତ୍ରୀ ଲୋକଙ୍କ ମୁଖ୍ୟମନ୍ତ୍ରୀ ହେବେ । ସରକାର ଲୋକଙ୍କ ପାଖରେ ପହଞ୍ଚିବାକୁ ଗୁରୁତ୍ୱ ।'ସେହିପରି ସୁରେଶ ପୂଜାରୀ କହିଛନ୍ତି ଯେ, 'ରାଜ୍ୟରେ ୨୦୨୯ ବେଳକୁ ଝୁମ୍ପୁଡି ଘର ରହିବନି ।








# ଟି ଟାଇମ୍

## ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

## ପୁରାଣ କାହାଣୀ

# ମା’କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା’ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।



ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା’ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା’ ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା’ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା’ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା’ ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା’କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ସ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।



## ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

# ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ–ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ



‘ଜଙ୍ଗଲ୍ସ ଇନ୍ ପ୍ୟାରିସ’ ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

# ‘ବବି ଜାସୁସ୍’ର ସିକ୍ୱେଲ କରିବେ ଦୀୟା



ଅଭିନୟରୁ ପ୍ରଯୋଜନାରେ ପ୍ରବେଶ କରିଥିବା ଦୀୟା ମିର୍ଜା ୨୦୧୪ରେ ନିର୍ମାଣ କରିଥିଲେ ଫିଲ୍ମ ‘ବବି ଜାସୁସ୍’। ଏହି ଫିଲ୍ମର ଲିଡ୍‌ରେ ରହିଥିଲେ ବିଦ୍ୟା ବାଲାନ୍। ଏହି କମେଡି ଡ୍ରାମା ଫିଲ୍ମଟି ବକ୍ସ ଅଫିସରେ ଭଲ ଆୟ କରିନଥିଲେ ମଧ୍ୟ ଦର୍ଶକଙ୍କ ଭଲ ପାଇବା ମିଳିଥିଲା। ଏବେ ଦୀୟା ଏହାର ସିକ୍ୱେଲ ନିର୍ମାଣ କରିବା ପାଇଁ ଯୋଜନା କରୁଛନ୍ତି ବୋଲି ଶୁଣିବାକୁ ମିଳିଛି। ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ସମୟରେ ଦୀୟା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସାଧାରଣତଃ ପୂର୍ବ ଫିଲ୍ମର ଆୟକୁ ନେଇ ଫିଲ୍ମର ସିକ୍ୱେଲ ନିର୍ମାଣ କରାଯାଇଥାଏ। କିନ୍ତୁ ଆମ ପୂର୍ବ ଫିଲ୍ମ ବକ୍ସ ଅଫିସରେ କମାଲ କରିନଥିଲେ ମଧ୍ୟ ଦର୍ଶକଙ୍କୁ ମନୋରଞ୍ଜନ କରିଥିଲା। ସେଥିପାଇଁ ଏହାର ସିକ୍ୱେଲ ନିର୍ମାଣ କରିବା ନେଇ ମନ ବଳାଇଛୁ। ଦୀୟାଙ୍କ ମୁହଁରୁ ଏହା ଶୁଣିବା ପରେ ଦେଖିବାକୁ ବାକି ରହିଲା କି ଏହାର ସିକ୍ୱେଲ ନିର୍ମାଣ କେବେ ଆରମ୍ଭ ହେଉଛି।

# ଆସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ।



ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

# ଆଜିର ଭାଗ୍ୟ



**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।



**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।



**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।



**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମୀୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।



**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।



**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।



**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।



**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।



**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।



**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।



**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।



**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




# ବିହାର ମେଂଟ ପ୍ରତି ଚ୍ୟାଲେଞ୍ଜ



ବିହାରରେ ପୁଣି ନୀତିଶ ତେଜସ୍ୱୀ ଯୁଗ ଆରମ୍ଭ ହୋଇଛି। ବିଧାନସଭାରେ ଅନୁଷ୍ଠିତ ଆସ୍ଥା ଭୋଟରେ ଆରଜେଡି ଜେଡିୟୁ ସରକାର ବହୁ ଭୋଟରେ ବିଜୟୀ ହୋଇଛି। କହିବା ବାହୁଲ୍ୟ ଯେ, ତଥା ଗତ ଆଠ ବର୍ଷ ମଧ୍ୟରେ କେନ୍ଦ୍ରରେ କ୍ଷମତାସୀନ ବିଜେପି କର୍ଣ୍ଣାଟକଠାରୁ ଆରମ୍ଭ କରି ମହାରାଷ୍ଟ୍ର ପର୍ଯ୍ୟନ୍ତ ବହୁ ବିରୋଧିଦଳ ସରକାର ବିଭାଜନ ଘଟାଇ କ୍ଷମତା ଦଖଲ କରିଥିବାବେଳେ ପ୍ରଥମ ଥର ପାଇଁ ବିହାରରେ ବିଜେପି ମେଂଟ ସରକାରଙ୍କୁ ଭାଙ୍ଗି ଜେଡିୟୁ-ଆରଜେଡି ମେଂଟ କ୍ଷମତାସୀନ ହୋଇଛି। ସ୍ମରଣଯୋଗ୍ୟ ଯେ, ଅତୀତରେ ଅର୍ଥାତ୍ ତିନିବର୍ଷ ତଳେ ଜେଡିୟୁ-ଆରଜେଡି ମେଂଟ ସରକାରର ପତନ ଘଟି ବିଜେପି-ଜେଡିୟୁ ସରକାର କ୍ଷମତାସୀନ ହୋଇଥିଲା। ଉଲ୍ଲେଖ କରାଯାଇପାରେ ଯେ, ନବଗଠିତ ଜେଡିୟୁ-ଆରଜେଡି ମେଂଟ ସରକାର ବିଧାନସଭାରେ ଆସ୍ଥା ଭୋଟରେ ବହୁ ଭୋଟରେ ବିଜୟୀ ହୋଇଥିବା ସତ୍ତ୍ୱେ ପ୍ରକୃତ ରାଜନୈତିକ ଶକ୍ତି ପରୀକ୍ଷା ଏବେଠାରୁ ଆରମ୍ଭ ହୋଇଛି ବୋଲି କୁହାଯିବ। ଏହା ନିଶ୍ଚିତ ଯେ, କେନ୍ଦ୍ର ସହ ଗୋଟିଏ ପରେ ଗୋଟିଏ ରାଜ୍ୟରେ କ୍ଷମତା ଅକ୍ତିଆର କରି ଚାଲିଥିବା ବିଜେପି ବିହାରରେ କ୍ଷମତାଚ୍ୟୁତ ହେବାପରେ ନୀରବରେ ବସି ରହିପାରିବ ନାହିଁ। ଏହା ବିଧାନସଭାରେ ଶକ୍ତି ପରୀକ୍ଷା ଦିନ ହିଁ ସଂକେତ ପ୍ରଦାନ କରିଛି। ବିଧାନସଭାରେ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଆସ୍ଥା ପରୀକ୍ଷା ଦେଉଥିବା ବେଳେ ଅନ୍ୟପଟେ ୟୁପିଏର ପ୍ରଥମ ପାଳି ସରକାରରେ ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ ରେଳବାଇ ମନ୍ତ୍ରୀ ଥିବାବେଳେ ବହୁଚର୍ଚ୍ଚିତ ଲ୍ୟାଣ୍ଡ ଫର ଜବସ୍ (ଜମି ପାଇଁ ନିଯୁକ୍ତି) ଦୁର୍ନୀତି ମାମଲାରେ ସିବିଆଇ ଆରଜେଡିର କେତେକ ନେତାଙ୍କ ବାସଭବନରେ ଚଢାଉ କରିଥିଲା। ସିବିଆଇ ଚଢାଉର ସମ୍ମୁଖୀନ ହୋଇଥିବା ନେତାଙ୍କ ମଧ୍ୟରୁ କିଏ ଅପରାଧୀ, କିଏ ନିର୍ଦ୍ଦୋଷ, ତାହା ଭବିଷ୍ୟତରେ ଆଇନ କହିବ। ତେବେ ବିରୋଧୀଙ୍କ ବିରୁଦ୍ଧରେ ଚଢାଉ ଯେଉଁ ସମୟରେ ହୋଇଛି ବା ବିରୋଧୀଙ୍କୁ ଟାର୍ଗେଟ ଯେଉଁ ସମୟରେ କରାଯାଇଛି, ସେଥିରୁ ବିଜେପି କେତେ ପ୍ରତିଶୋଧ-ପରାୟଣ, ତାହା ସ୍ପଷ୍ଟ ଅନୁମାନ କରାଯାଇପାରେ। କେବଳ ନୀତିଶଙ୍କ ନେତୃତ୍ୱରେ ପରିଚାଳିତ ମହାଗଠବନ୍ଧନ ସରକାର ନୁହେଁ, ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କ ପ୍ରତି ମଧ୍ୟ ପ୍ରତିଶୋଧପରାୟଣ କାର୍ଯ୍ୟାନ୍ୱୟନ ବଢିବା କିଛି ଅସ୍ୱାଭାବିକ ନୁହେଁ।

ତେବେ ତିନୋଟି ଚ୍ୟାଲେଞ୍ଜ ଏବେ ଜେଡିୟୁ-ଆରଜେଡି ସରକାରଙ୍କ ପ୍ରତି ରହିଛି। ଏହାକୁ ମୁକାବିଲା କରିବା ପାଇଁ ଉଭୟ ଦଳ ପ୍ରଥମତଃ ଏକ ଏବଂ ଏକମନ, ଏକପ୍ରାଣ ହୋଇ ରହିବା ଜରୁରୀ। ସେହିପରି ଯେଉଁସବୁ ଅଂଚଳରେ ଯେଉଁ ଦଳର ପ୍ରଭାବ ରହିଛି, ସେଠାରେ ପରସ୍ପର ସହ ବୁଝାମଣା କରିବାକୁ ହେବ। ତୃତୀୟଟି ହେଉଛି ବିହାରର ଜନସାଧାରଣଙ୍କ ହୃଦୟ ଜିତିବା ପାଇଁ ସୁଶାସନ ଏବଂ ଜନହିତକର କାର୍ଯ୍ୟକ୍ରମ ହାତକୁ ନେବା। ଏହା ସତ୍ୟ ଯେ, ଉଭୟ ଦଳ ପୁରୁଣା ମଣ୍ଡଳ ଦଳ ତଥା ଜନତାଦଳରୁ ଆସିଥିବା ଯୋଗୁ ବିହାରରେ ବିଜେପିର ଏକ ଶକ୍ତିଶାଳୀ ବିକଳ୍ପ ଭାବେ ଉଭା ହୋଇଛି। ଅତୀତରେ ୨୦୧୫ ବିଧାନସଭା ନିର୍ବାଚନରେ ଜେଡିୟୁ- ଆରଜେଡି ମେଂଟ ବିଜେପିକୁ ଧୂଳି ଚଟାଇ ବିହାରରେ କ୍ଷମତାସୀନ ହୋଇଥିଲା। ଉଭୟ ଦଳର ସାମାଜିକ ସ୍ଥିତି ସମାନ ଥିବା ବେଳେ ଆଦର୍ଶଗତ ସାମଞ୍ଜସ୍ୟ ମଧ୍ୟ ରହିଛି। ୨୦୧୫ରେ ମେଂଟ ସରକାର ଦୁଇବର୍ଷ ସୁରୁଖୁରୁରେ କାର୍ଯ୍ୟ କରିଥିବାବେଳେ ଦୁର୍ନୀତିକୁ ନେଇ ମେଂଟ ଭାଙ୍ଗି ଯାଇଥିଲା। ପୂର୍ବରୁ ସମସ୍ତ ତିକ୍ତତା, ମାନ, ଅଭିମାନକୁ ଭୁଲି ଉଭୟ ଦଳ ଏକତ୍ର କାର୍ଯ୍ୟ କରିବା ଉଚିତ୍। ଯାହାକି ବିଜେପିର ଯଥାର୍ଥ ମୁକାବିଲା କରିପାରିବ। ସେହି ଯେଉଁ ଅଂଚଳରେ ଯେଉଁ ଦଳର ପ୍ରଭାବ ରହିଛି, ସେଠାରେ ଉଭୟ ଦଳର ନେତା ଓ କର୍ମୀମାନେ ମିଳିମିଶି କାର୍ଯ୍ୟ କରିପାରିଲେ, କେବଳ ମେଂଟ ସୁଦୃଢ ହେବନାହିଁ, ଜନସାଧାରଣଙ୍କର ମଧ୍ୟ ହିତ ସାଧନ ହୋଇପାରିବ। ଏହା ସତ୍ୟ ଯେ, ନୀତିଶ କୁମାରଙ୍କ ନିର୍ମଳ ଭାବମୂର୍ତ୍ତି ତାଙ୍କୁ ଜଣେ ଜାତୀୟସ୍ତରର ନେତାଭାବେ ପ୍ରତିଷ୍ଠିତ କରିଥିବା ବେଳେ ତେଜସ୍ୱୀଙ୍କ ପ୍ରତି ଯୁବଗୋଷ୍ଠୀର ଆକର୍ଷଣ ବଢିବାରେ ଲାଗିଛି। ନିକଟରେ ନବନିଯୁକ୍ତ ମନ୍ତ୍ରୀମାନଙ୍କୁ ନୂଆ ଗାଡି ନ କିଣିବା, କାହାରିକୁ ପାଦ ଛୁଇଁବାକୁ ନଦେବା ପାଇଁ ତେଜସ୍ୱୀ ଯେଉଁ ପରାମର୍ଶ ଦେଇଛନ୍ତି, ତାହା ପ୍ରଣିଧାନଯୋଗ୍ୟ। ତେବେ ମୁଖ୍ୟ ଚ୍ୟାଲେଞ୍ଜ ହେଉଛି ବିହାରରେ ବେକାରୀ ସମସ୍ୟା ବୃଦ୍ଧି। ବେକାର ଯୁବକ-ଯୁବତୀଙ୍କ କର୍ମନିଯୁକ୍ତି ଯୋଗାଇଦେବା ପାଇଁ

# ଶକ୍ତି ଉପାସନାର ସ୍ଥଳ ତୀର୍ଥରାଜ ପ୍ରୟାଗ

ପୂଣ୍ୟଭୂମି ଭାରତ ବର୍ଷର ଉତ୍ତରରୁ ଦକ୍ଷିଣ ପର୍ଯ୍ୟନ୍ତ ସାରା ଭାରତରେ ଶକ୍ତିଙ୍କର ଅସଂଖ୍ୟ ଉପାସନା ଓ ଅର୍ଚ୍ଚନା ସ୍ଥଳୀ ରହିଛି। ସେଗୁଡ଼ିକ ମଧ୍ୟରେ ତୀର୍ଥରାଜ ପ୍ରୟାଗ ଶକ୍ତି ଉପାସନାର ପ୍ରମୁଖ ସ୍ଥଳ ଭାବରେ ପରିଚିତ। ମୁଖ୍ୟତଃ ୫୧ ଟି ମହାପୀଠର ବିଶେଷ ଗୁରୁତ୍ୱ ରହିଛି।

ହିନ୍ଦୁ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ମା’ ଶକ୍ତିଙ୍କୁ ନିଜର ଝିଅ(ସତୀ) ରୂପରେ ପାଇବା ପରେ ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଦକ୍ଷରାଜଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ଏକ ଯଜ୍ଞର ଆୟୋଜନ କଲେ। ଝିଅ ମାତା ସତୀ ଓ ଜ୍ୱାଇଁ ଭଗବାନ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ମାତା ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚିଲେ। ଦକ୍ଷ ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ। ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଭଗବାନ ଶିବ ଏ ଖବର ଜାଣି ସେଠାରେ ପହଂଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଶିବ ଶାନ୍ତ ହେବେ ନାହିଁ। ସଙ୍ଗେସଙ୍ଗେ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। କିଛି ସମୟ ମଧ୍ୟରେ ମା’ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା’ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ବିଭିନ୍ନ ସ୍ଥାନରେ ବିଂଚି ହୋଇ ପଡ଼ିଲା। ଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ





ଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ। ତେବେ ପ୍ରୟାଗରେ ଏପରି ୩ଟି ସ୍ଥାନ ରହିଛି, ଯେଉଁ ସ୍ଥାନ ମାନଙ୍କରେ ମାତା ସତୀଙ୍କର ଅଙ୍ଗ ଖଣ୍ଡ ଗୁଡ଼ିକ ପଡ଼ିଥିଲା। ଏଠାରେ ମାତା ଲଳିତା ଦେବୀ, ମାତା କଲ୍ୟାଣୀ ଦେବୀ ଓ ମାତା ଅଲୋପଶଙ୍କରୀ ଦେବୀ ରହିଛନ୍ତି। ଏହି ଶକ୍ତିପୀଠ ଗୁଡ଼ିକରେ ପୂଜା ଏବଂ ଦର୍ଶନ କରିବାକୁ ଦୂରଦୂରାନ୍ତରୁ ବହୁ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଆସିଥାନ୍ତି। ନବରାତ୍ରରେ ପ୍ରତି ମନ୍ଦିରରେ ବିଶେଷ




ପୂଜା ଓ ଅନୁଷ୍ଠାନ ହୋଇଥାଏ। ଏହି ଉତ୍ସବରେ ପ୍ରତିଦିନ ଶହ ଶହ ଭକ୍ତ ସାମିଲ ହୋଇଥାନ୍ତି।

ଯମୁନା ନଦୀ କୂଳରେ ମୀରପୁର ସ୍ଥିତ ମା’ ଲଳିତାଙ୍କ ଏହି ପ୍ରାଚୀନ ମହା ଶକ୍ତିପୀଠ ମନ୍ଦିରରେ ମାତା ସତୀଙ୍କ ହାତର ଅଙ୍ଗୁଳି ପଡ଼ିଥିଲା। ସେହି ସ୍ଥାନରେ ମା’ଭଗବତୀ, ମହାକାଳୀ, ମହାଲକ୍ଷ୍ମୀ ଓ ମହା ସରସ୍ୱତୀ ରୂପରେ ଅଧିଷ୍ଠିତ ଅଛନ୍ତି।

ଏହି ମନ୍ଦିରରେ ପ୍ରବେଶ କରିବା ମାତ୍ରେ ନିଜ ଭିତରେ ଦିବ୍ୟ ଶକ୍ତିର ଅନୁଭବ ହୋଇଥାଏ। ମାତାଙ୍କର ଡ଼ାହାଣ ହାତରେ ସଂକଟ ମୋଚନ ହନୁମାନ, ରାମ, ଲକ୍ଷ୍ମଣ, ସୀତା ଓ ନବଗ୍ରହ ମାନଙ୍କର ଦିବ୍ୟ ମୂର୍ତ୍ତି ମାନ ସ୍ଥାପିତ ହୋଇଛି। ମନ୍ଦିର ଭିତରେ ରାଧା-କୃଷ୍ଣଙ୍କର ଭବ୍ୟ ମୂର୍ତ୍ତି ଗୁଡ଼ିକ ଭକ୍ତ ମାନଙ୍କର ମନ ମୋହିନିଏ। ନବରାତ୍ର ବେଳେ ଫୁଲ ଓ ଅଳଙ୍କାରରେ ମାତାଙ୍କର ଶୃଙ୍ଗାର କରା ଯାଇଥାଏ।

ମାତା ଲଳିତା ଦେବୀଙ୍କ ଭଳି ମାତା କଲ୍ୟାଣୀ ଦେବୀ ମନ୍ଦିରରେ ମଧ୍ୟ ମାତା ସତୀଙ୍କ ଅଙ୍ଗୁଳି ଖଣ୍ଡ ପଡ଼ିଥିଲା। ମତ୍ସ୍ୟ ପୁରାଣର ୧୩ଶ ଅଧ୍ୟାୟରେ ଯେଉଁ ୧୦୮ ପୀଠର ବର୍ଣ୍ଣନା ହୋଇଛି, ସେଥିରେ କଲ୍ୟାଣୀ ଲଳିତାଙ୍କ ନାମ ସର୍ବ ପ୍ରଥମେ ଆସିଛି। ମହର୍ଷି ଯାଗ୍ୟୋଲ୍କ୍ୟ ଆରାଧାନା ପାଇଁ ଏହି ସ୍ଥାନକୁ ପସନ୍ଦ କରିଥିଲେ। ଏଠାରେ ମାତା କଲ୍ୟାଣୀ ଚତୁର୍ଭୁଜ ରୂପରେ ସିଂହ ଉପରେ ବସି ବିଦ୍ୟମାନ ଅଛନ୍ତି। ମୂର୍ତ୍ତିର ଶୀର୍ଷରେ ଆଭାଚକ୍ର ରହିଛି, ମସ୍ତକ ଉପରେ ଯୋନୀ, ଲିଙ୍ଗ ଏବଂ ଫଣୀନ୍ଦ୍ର ଶୋଭା ପାଉଛି। ଦକ୍ଷିଣ ଭାଗରେ ଦେବାଧିଦେବ ମହାଦେବ ଓ ଗଜାନନ ଗଣେଷଙ୍କର ମନୋରମ ପ୍ରତିମା ସ୍ଥାପିତ ହୋଇଛି।

ମାତା ଅଲୋପଶଙ୍କରୀଙ୍କ ଭିତରେ ଲୋପ ହୋଇ ଯାଇଛନ୍ତି। ସଂଗମଠାରୁ କିଛି ଦୂରରେ ଅବସ୍ଥିତ ମାତା ଅଲୋପଶଙ୍କରୀଙ୍କ ପ୍ରାଚୀନ ସିଦ୍ଧପୀଠ ହେଉଛି ମନ୍ଦିର। ପୁରାଣ ଅନୁସାରେ ଏଠାରେ ମାତା ସତୀଙ୍କର ଯେଉଁ ଅଙ୍ଗ ପଡ଼ିଥିଲା, ତାହା ଲୋପ ହୋଇଗଲା। ଏହି କାରଣରୁ ମା’ଭଗବତୀଙ୍କ ପୂଜା ଅଲୋପଶଙ୍କରୀଙ୍କ ରୂପରେ ହୋଇଥାଏ। ନବରାତ୍ର ବ୍ୟତୀତ ସୋମବାର ଓ ଶୁକ୍ରବାର ଏଠାରେ ବିଶାଳ ମେଳା ବସିଥାଏ। ପୁରାଣରେ କ୍ଷମା ମାତାଙ୍କ ମନ୍ଦିର ସଂପର୍କରେ ବ୍ୟାପକ ବର୍ଣ୍ଣନା କରାଯାଇଛି। ଏଠାରେ ମା’ ଭଗବତୀ ଚନ୍ଦ୍ରଘଣ୍ଟା ରୂପରେ ଅଧିଷ୍ଠିତ ଅଛନ୍ତି। ସାରା ଦୁନିଆର ଏହା




ଏକମାତ୍ର ମନ୍ଦିର, ଯେଉଁଠି ମା’ଦୁର୍ଗାଙ୍କର ନଅଟି ସ୍ୱରୂପକୁ ଏକ ସଙ୍ଗରେ ଦର୍ଶନ କରାଯାଇ ଥାଏ। ସଚ୍ଚା ହୃଦୟରେ ମା’ଙ୍କ ଦର୍ଶନ ମାତ୍ରେ ହିଁ ମଣିଷକୁ ସମସ୍ତ ମାନସିକ ଓ ଶାରୀରିକ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ। ନବରାତ୍ର ବେଳେ ପ୍ରତିଦିନ ଦେବୀଙ୍କର ଭିନ୍ନ ଭିନ୍ନ ସ୍ୱରୂପର ବିଶେଷ ଶୃଙ୍ଗାର କରାଯାଇଥାଏ। ସିଦ୍ଧପୀଠ ବ୍ୟତୀତ ସହରର ମସୁରିଆ ଦେବୀ, ଶୀତଳା ମାତା, ଅଷ୍ଟଭୁଜା ଦେବୀ, କାଳୀ ମାତା ଆଦି ମନ୍ଦିରରେ ପ୍ରତିଦିନ ସକାଳ ଓ ସଂଧ୍ୟାରେ ବସ୍ତ୍ର, ଅଳଙ୍କାର ଓ ଫୁଲରେ ମାତାଙ୍କ ଦିବ୍ୟ ସ୍ୱରୂପର ଶୃଙ୍ଗାର କରାଯାଇ ସାମୁହିକ ଆଳତୀ ହୋଇଥାଏ। ନବରାତ୍ର ଉତ୍ସବ ସମୟରେ ନିଜର ମନୋ କାମନା ପୂରଣ ପାଇଁ ଭକ୍ତ ମାନେ ବ୍ରତ ସହ ଶକ୍ତି ସ୍ୱରୂପା ମା’ ଭଗବତୀଙ୍କ ଆରାଧନା କରିଥାନ୍ତି। ଯଦ୍ୱାରା ଭକ୍ତମାନଙ୍କର ମନୋସ୍କାମନା ଅତିଶୀଘ୍ର ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି।

## ଜାତୀୟ ପତାକାର ଅପବ୍ୟବହାର ଓ ଅବମାନନାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲା କଂଗ୍ରେସ

ଭୁବନେଶ୍ୱର (ପିଏନ୍)-ଜାତୀୟ ପତାକାକୁ ସମ୍ମାନ କରିବା ଏବଂ ଜାତୀୟ ପତାକାର ମାନ ଓ ଗୌରବକୁ ରକ୍ଷା କରିବା ହେଉଛି ପ୍ରତ୍ୟେକ ଭାରତୀୟ ନାଗରିକଙ୍କର ପରମ କର୍ତବ୍ୟ। ଏହାହିଁ ଭାରତୀୟ ସମ୍ବିଧାନ ପ୍ରତି ଆମର ନିଷ୍ଠା। ସମ୍ବିଧାନର ଧାରା ୫୧-ଏ ରେ ଏହା ସିଧାସଳଖ କୁହାଯାଇଥିଲେ ମଧ୍ୟ କଟକ ଇଣ୍ଡୋର ଷ୍ଟାଡିୟମରେ ପ୍ରଜାତନ୍ତ୍ରର ପ୍ରତିଷ୍ଠା ଉତ୍ସବରେ ଖୋଦ କେନ୍ଦ୍ର ଗୃହମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟ ମୁଖ୍ୟମନ୍ତ୍ରୀ ଏବଂ ସାଂସଦ ଓ ଉଭୟ ଦଳର ତୃଙ୍ଗ ନେତୃବୃନ୍ଦ ଉପସ୍ଥିତ ଥାଇ ମଧ୍ୟ ଭାରତର ଜାତୀୟ ପତାକାର ଅପବ୍ୟବହାର ହେବା ସହିତ ଜାତୀୟ ପତାକାକୁ ଅପମାନିତ କରାଯାଇଥିଲା ବୋଲି କଂଗ୍ରେସ ଭବନରେ ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଶ୍ରୀ ପଂଚାନନ କାନୁନଗୋ କହିଥିଲେ। ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ପାଳନ ଅବସରରେ ଖୋଦ୍ ପ୍ରଧାନମନ୍ତ୍ରୀ ଘର ଘର ମେ ତ୍ରିରଙ୍ଗା ଉଡ଼ିବାର ବାର୍ତା ଦେଉଥିଲା ବେଳେ ଖୋଦ କେନ୍ଦ୍ର ଗୃହମନ୍ତ୍ରୀ ଏବଂ ଶିକ୍ଷାମନ୍ତ୍ରୀଙ୍କ ସମ୍ମୁଖରେ ଜାତୀୟ ପତାକାକୁ ବ୍ୟାଗ କରି ଖାଦ୍ୟ ପୁଡ଼ିଆ ବୁହାଯାଉଥିଲା। ସଭାଗୃହରେ ବହୁ ସ୍ଥାନରେ ଜାତୀୟ ପତାକା ତଳେ ପଡ଼ିରହିଥିବାର ଚିତ୍ର ସମସ୍ତ ସାମାଜିକ ଗଣମାଧ୍ୟମ ଓ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରଚାରିତ ହେଲାପରେ ମଧ୍ୟ ନା କେନ୍ଦ୍ର ସରକାର ନା ରାଜ୍ୟ ସରକାର କେହି ଏହା ବିରୋଧରେ ପଦୁଟିଏ ଉଚ୍ଚାରଣ କଲେ ନାହିଁ। ଏହା ଜାତୀୟ ପତାକା ସମ୍ମାନ ନିୟମ ୧୯୭୧ ଉପଧାରା-୨କୁ ସଂପୂର୍ଣ୍ଣ ଉଲଘଂନ କରୁଥିଲା ବେଳେ କାହିଁକି ଖୋଦ୍ ମୁଖ୍ୟମନ୍ତ୍ରୀ, ସାଂସଦ ଓ କେନ୍ଦ୍ରମନ୍ତ୍ରୀ ଅମିତ ଶାହା, ଧର୍ମେନ୍ଦ୍ର ପ୍ରଧାନ ଚୁପ ରହିଲେ। ଯେହେତୁ ଦୀର୍ଘ ୫୨ ବର୍ଷ ଧରି ଜାତୀୟ ପତାକାକୁ ଆରଏସଏସ ନିଜ କାର୍ଯ୍ୟାଳୟରେ ଉଡ଼ାଇନାହିଁ ସେହିଦୃଷ୍ଟିରୁ କେନ୍ଦ୍ରମନ୍ତ୍ରୀ ଅମିତ ଶାହା ଓ ଧର୍ମେନ୍ଦ୍ର ପ୍ରଧାନ ଚୁପ ରହି ତାଙ୍କର ଇଚ୍ଛାକୁ ପୂରଣ କଲେ କି? ପ୍ରଦେଶ କଂଗ୍ରେସ ରାଜ୍ୟ ସରକାରଙ୍କ ପାଖରେ ଦାବି କରୁଛି ଯେ ଯେଉଁମାନଙ୍କର ଫଟୋ ଜାତୀୟ ପତାକାକୁ ଅବମାନନା କରୁଥିବାର ଉତୋଳିତ ହୋଇଛି ଏବଂ ଯେଉଁ ପଦାଧିକାରୀ ଓ ନେତୃବୃନ୍ଦ ଜାତୀୟ ପତାକାକୁ ଖାଦ୍ୟ ପୁଡ଼ିଆ ବ୍ୟାଗ କରି ଦେଇଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଏବଂ ଗିରଫ କରି ଜେଲ ପଠାଯାଉ। ତତ୍ସହିତ କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ଶ୍ରୀ ରଜନୀ କୁମାର ମହାନ୍ତି, ଶ୍ରୀ ମନୋରଞ୍ଜନ ଦାଶ ଓ ସାମାଜିକ ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଶ୍ରୀ ଅଭିଷେକ ମହାନନ୍ଦ ଉପସ୍ଥିତ ଥିଲେ।

## ରାଖୀ ହେଉ ସବୁଜ ସମ୍ପର୍କର ସାକ୍ଷୀ

ଭୁବନେଶ୍ୱର (ପିଏନ୍): ସ୍ମାର୍ଟ ନଗରୀ ଭୁବନେଶ୍ୱର ପୋଖରୀପୁଟର ଇନ୍ଦ୍ରପ୍ରସ୍ଥ ଫେଜ୍-୨ଠାରେ କିଛି ପରିବେଶ ଓ ବୃକ୍ଷପ୍ରେମୀ ଏକାଠି ହୋଇ ଏକ ଭିନ୍ନ ଢଙ୍ଗରେ ରକ୍ଷାବନ୍ଧନ ଉତ୍ସବକୁ ପାଳନ କରିଛନ୍ତି। ପରିବେଶ ଅନୁକୂଳ ରଙ୍ଗ, ବେରଙ୍ଗ ସୂତାକୁ ବ୍ୟବହାର କରି ସେଥିରେ ଗୋଟିଏ ଆକର୍ଷଣୀୟ ରାଖୀ ତିଆରି କରି ସମ୍ପର୍କର ବନ୍ଧନ ସହିତ ଗଛରେ ରାଖୀ ବାନ୍ଧିବା ସହ ସିନ୍ଦୁର, ଚନ୍ଦନ ଫୁଲ ଲଗାଇ ସାରା ବିଶ୍ୱକୁ ପ୍ରକୃତିର ବନ୍ଦନା କରିବାର ଏକ ନିଆରା ବାର୍ତ୍ତା ଦେଇଛନ୍ତି। ବୃକ୍ଷପ୍ରେମୀମାନେ ଏ ସମ୍ପର୍କରେ କୁହନ୍ତି ରକ୍ଷାବନ୍ଧନ ହେଉଛି ଅତୁଟ ସମ୍ପର୍କର ନିବିଡ଼ ବନ୍ଧନ। ଜନ୍ମ ଜନ୍ମକୁ ବାନ୍ଧି ହେବାର ଏକ ଅତୁଟ ପ୍ରେମର ନିଚ୍ଛକ ସ୍ପନ୍ଦନ। ସେହିପରି ଗଛ ସହ ଆମର ସମ୍ପର୍କ ଏହିପରି ରହିବା ଦରକାର। ଗଛ ଯେପରି ଏନ୍ତୁଡ଼ିଶାଳରୁ ଶଶ୍ମାନ ପର୍ଯ୍ୟନ୍ତ ନିଃସ୍ୱାର୍ଥପର ଭାବେ ଆମ୍ଭକୁ ସୁରକ୍ଷା ଦେଇଥାଏ, ଠିକ୍ ସେହିପରି ଆମ୍ଭେମାନେ ମଧ୍ୟ ଗଛ ପ୍ରତି ସେମିତି କର୍ତ୍ତବ୍ୟ ସମ୍ପାଦନ କରି ତା’ରି ସୁରକ୍ଷା ଦେବା ସମସ୍ତଙ୍କ ପାଇଁ ଆଜିର ଦିବସରେ ସଂକଳ୍ପ ହେଉ ବୋଲି ବୃକ୍ଷପ୍ରେମୀ ମାନେ ଆଶା ପ୍ରକଟ କରିଥିଲେ। ପରିବେଶବିତ୍ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପ୍ରଫେସର ଓ ଚଳଚ୍ଚିତ୍ର ଅଭିନେତା ଡ. ଜ୍ଞାନେନ୍ଦ୍ର କୁମାର ପଲାଇ, ସାଇ ସେବକ ନାରାୟଣ ପ୍ରଧାନ, ବୃକ୍ଷପ୍ରେମୀ ପ୍ରିୟବ୍ରତ ପଣ୍ଡା, ରାଧାଚରଣ ସାହୁ, ଚିତ୍ରଶିଳ୍ପୀ ସୁସ୍ମିତାରାଣୀ ରାଉତ, ଅନସୂୟା ସାହୁ ଏବଂ କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ପ୍ରମୁଖ ଗଛରେ ରାଖି ବାନ୍ଧିବା ସହ ତା’ର ସୁରକ୍ଷା ପାଇଁ ସଂକଳ୍ପ ନେଇଥିଲେ। ଭାଇ-ଭଉଣୀଙ୍କ ସମ୍ପର୍କ ଭଳି ମଣିଷ ଓ ବୃକ୍ଷର ସମ୍ପର୍କ ଅତୁଟ ହେବା ଦରକାର ଏବଂ ରାଖୀ ସବୁଜ ସମ୍ପର୍କର ସାକ୍ଷୀ ହେଉ ବୋଲି ଶ୍ରୀ ସାହୁ ଏହି ଅବସରରେ କହିଥିଲେ।

## ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ବଳିଦାନ ଦିବସ



ଖୋର୍ଦ୍ଧା (ପିଏନ୍)-ପାଇକ ବିଦ୍ରୋହର ମହାନାୟକ ବକ୍ସି ଜଗବନ୍ଧୁଙ୍କ ସହଯୋଗୀ ମହାନବୀର ପଣ୍ଡିକି ବାହୁବଳେନ୍ଦ୍ରଙ୍କ ୨୦୧ତମ ବଳିଦାନ ଦିବସରେ ବିଭିନ୍ନ କୃତବିଦ୍ୟଙ୍କୁ ଶୌର୍ଯ୍ୟ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ବୀର ପିଣ୍ଡିକିଙ୍କ ଜନ୍ମସ୍ଥାନ ଦାରୁଠେଙ୍ଗରେ ପିଣ୍ଡିକି ବାହୁବଳେନ୍ଦ୍ର ସ୍ମୃତି କମିଟି, ପିଣ୍ଡିକି ସ୍ପୋର୍ଟସ କ୍ଲବ୍ ଓ କଳିଙ୍ଗ ପାଇକ ସଂଗଠନର ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମିଟି ସଭାପତି କବିରାଜ ବିଧାର ସଭାପତିତ୍ୱ କରିଥିଲେ। ଜାତୀୟ ପତାକା ଉତ୍ତୋଳନ, ଶହୀଦଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ପରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପ୍ରଫେସର ବୈଷ୍ଣବ ଚରଣ ସାମଲ ଯଥାକ୍ରମେ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଣ୍ଡିକଙ୍କ ଗରିଲା ଯୁଦ୍ଧ ଓ ଦେଶପ୍ରେମ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ରାମଚଣ୍ଡୀ ଦଳବେହେରା, ମୃତ୍ୟୁଂଜୟ ଛୋଟରାୟ, ପ୍ରାକ୍ତନ ମନ୍ତ୍ରୀ ଡା. ବେଣୁଧର ବଳିଆରସିଂହଙ୍କ ସୁକନ୍ୟା ବିଶିଷ୍ଟ ଅନୁବାଦିକା ଡ. ଶକୁନ୍ତଳା ବଳିଆରସିଂହ, କୁଂଜୁରୀ ବରପଦାର ଖ୍ୟାତନାମା ଚିତ୍ରଶିଳ୍ପୀ ବଳଦେବ ମହାରଥା, ସାହିତ୍ୟିକ ଅମରେଶ ବିଶ୍ୱାଳ, ପୂର୍ବତନ ପ୍ରଶାସକ ସହଦେବ ଜୟସିଂହ, ଡୁମଡୁମା ଦଳବେହେରା, ଅବଦୁଲ କଲାମ ଆଜାଦ୍, ସମାଜସେବୀ ରମଜାନ୍ ଖାଁଙ୍କୁ ଶୌର୍ଯ୍ୟ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କଳିଙ୍ଗ ପାଇକ ସଂଗଠନର ଉପଦେଷ୍ଟା ଭୀମସେନ ପ୍ରଧାନ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ମୁଖ୍ୟ ଉଦ୍ୟୋକ୍ତା ଇଂ. ଶିଶିର କୁମାର ନାୟକ, ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ସଂଗଠକ ପ୍ରଦୀପ କୁମାର ବିଶ୍ୱାଳ, ବରିଷ୍ଠ ବିଜେପି ନେତା ସୁରଥ ବିଶ୍ୱାଳ, କୃଷକ ନେତା ଶ୍ରୀରଂଜନ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ। ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ବଂଶଧର ପ୍ରଫୁଲ୍ଲ ବାହୁବଳେନ୍ଦ୍ର, ସ୍ମୃତି କମିଟିର ଉପସଭାପତି ଅମରେନ୍ଦ୍ର ମହାପାତ୍ର, କ୍ଲବ ସମ୍ପାଦକ ପବିତ୍ର ବାହୁବଳେନ୍ଦ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସତ୍ୟଭାମାଦେବୀ ମୂକ-ବଧିର ମହାବିଦ୍ୟାଳୟରେ ସାଇବର ଠକେଇ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର (ପିଏନ୍): ସତ୍ୟଭାମାଦେବୀ ମୂକ-ବଧିର ମହାବିଦ୍ୟାଳୟରେ Cyber ଠକେଇକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ମୂକ-ବଧିର ଛାତ୍ର/ଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ Smt. Shivani Shashikanta Mohanty, Project Manager, Bank of Newyork and Sj. Chandra Sekhar Pal, Enterpreneur ଯୋଗଦନା କରି ମୂକ-ବଧିର ଛାତ୍ର/ଛାତ୍ରୀମାନଙ୍କୁ ସାଇବର ଠକେଇର ବିଭିନ୍ନ ଦିଗ ଓ ଏଥିରୁ କେମିତି ବର୍ତିହେବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥିମାନେ କହିଲେ ଯେ, ଅଧିକାଂଶ ସାଇବର ଅପରାଧ ସାଇବର ଅପରାଧୀଙ୍କ ପାଇଁ ଲାଭ ସୃଷ୍ଟି କରାଯାଉଥିବାବେଳେ କେତେକ ସାଇବର ଅପରାଧ କମ୍ପ୍ୟୁଟର କିମ୍ବା ଡିଭାଇସ୍ ବିରୁଦ୍ଧରେ ସିଧାସଳଖ କ୍ଷତି କିମ୍ବା ଅକ୍ଷମ କରିବା ପାଇଁ ଚେଷ୍ଟା କରିଥା’ନ୍ତି ଏବଂ ଏଥିସହିତ ମାଲୱେର, ବେଆଇନ ସୂଚନା, ପ୍ରତିଛବି କିମ୍ବା ଅନ୍ୟାନ୍ୟ ସାମଗ୍ରୀ ବିସ୍ତାର କରିବାକୁ




କମ୍ପ୍ୟୁଟର କିମ୍ବା ନେଟୱାର୍କ ବ୍ୟବହାର କରିଥା’ନ୍ତି, ସାଇବର ଅପରାଧର ଏକ ପ୍ରାଥମିକ ପ୍ରଭାବ ହେଉଛି ଆର୍ଥିକ। ସାଇବର ଅପରାଧରେ ବିଭିନ୍ନ ପ୍ରକାରର ଲାଭଚାଳିତ ଅପରାଧିକ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ ଇମେଲ ଏବଂ ଇଂଟରନେଟ ଠକେଇ, ପରିଚୟ ଠକେଇ, ଆର୍ଥିକ ଆକାଉଂଟ, କ୍ରେଡ଼ିଟ କାର୍ଡ଼ କିମ୍ବା ଅନ୍ୟାନ୍ୟ ପେମେଂଟ କାର୍ଡ଼ ତଥ୍ୟ ଚୋରି କରିବାର ପ୍ରୟାସ କରିଥା’ନ୍ତି। ଏଥିସହିତ ଲୋଭ, ଭୟ ଓ ଅବହେଳାରୁ ଲୋକମାନେ ସାଇବର ଠକେଇ ଜାଲରେ ପଡୁଛନ୍ତି। ଏଥିରୁ ବର୍ତିବାକୁ ହେଲେ ଥାର୍ଡ଼ପାର୍ଟି (ଆପ୍)ଠାରୁ ଦୂରେଇ ରହିବାକୁ ସେ ପରାମର୍ଶ ଦେଇଥିଲେ। ଯଦି କେହି ସାଇବର ଠକେଇର ଶିକାର ହୁଅନ୍ତି, ତେବେ ସାଇବର ଥାନାକୁ ସଙ୍ଗେ ସଙ୍ଗେ ଜଣାଇବା ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ। ଅତିଥିମାନେ ଯେଉଁସବୁ ପରାମର୍ଶ ଦେଇଥିଲେ, ତାଙ୍କର ଅଭିଭାଷଣକୁ ସତ୍ୟଭାମାଦେବୀ ମୂକ-ବଧିର ମହାବିଦ୍ୟାଳୟର ଅଧ୍ୟକ୍ଷା ସଂଘମିତ୍ରା ମହାପାତ୍ର ସାଙ୍କେତିକ ଭାଷାରେ ମୂକ-ବଧିର ଛାତ୍ର/ଛାତ୍ରୀଙ୍କୁ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମକୁ 'Satyabhama Devi Welfare Trust'ର ମ୍ୟାନେଜିଂ ଟ୍ରଷ୍ଟି ସୁଶ୍ରୀ ନିରୋଜା ଲକ୍ଷ୍ମୀ ମହାପାତ୍ର ପରିଚାଳନା କରିଥିଲେ ଏବଂ କଲେଜର ଅଧ୍ୟାପକ ଶ୍ରୀ ପୂର୍ଣ୍ଣେନ୍ଦୁ ଶେଖର ପରିଡ଼ା ସର୍ବଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।




**ଭୁବନେଶ୍ୱର, ୨୦୨୪, ଜୁଲାଇ ୨୧**

# ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ ଗୁରୁଦେବ ମହେଶ୍ୱର



ଇଂ.ସଚ୍ଚିଦାନନ୍ଦ ନନ୍ଦ

ଭାରତ ବର୍ଷରେ ତଥା ସମଗ୍ର ପୃଥିବୀର ଗୁରୁପୂଜା ଚଳି ଆସିଛି କାହିଁ କେଉଁ ପୁରା କାଳରୁ । ଭାରତୀୟ ପୁରାଣ ଶାସ୍ତ୍ର, କିମ୍ବଦନ୍ତୀ ତଥା ଲୋକ କଥାରୁ ଏହାର ପ୍ରମାଣ ଯଥେଷ୍ଟ ପରିମାଣରେ ମିଳେ । ଭାରତ ବାହାରେ ମଧ୍ୟ ଏହାର ପ୍ରଚଳନ ଅଛି । ଯାପାନର ସିଣ୍ଟୋ, ଚୀନର ତାଓ କନ୍‌ଫୁସିଅସ୍, ପାରସ୍ୟର ଜେରାଥୁଷ୍ଟ୍ର, ଯୀଶୁଖ୍ରୀଷ୍ଟ ଗୁରୁ ଭାବେ ଗ୍ରହଣ କରିଥିବା ଜନ ପ୍ରଭୃତି ପୃଥିବୀର ବିଖ୍ୟାତ ଗୁରୁ ଶ୍ରେଣୀର । ସେହି ମାନଙ୍କୁ ଗୁରୁ ଆଖ୍ୟା ଦିଆଯାଏ ଯେଉଁମାନେ ଜୀବନରେ ଈଶ୍ୱରଙ୍କ ସହ ନିଜକୁ ଯୋଗଯୁକ୍ତ କରିପାରିଛନ୍ତି ଏବଂ ତା ଫଳରେ ପାଇଥିବା ଜ୍ଞାନକୁ ସମାଜ ଉପକାରରେ ବ୍ୟବହାର କରିଥାନ୍ତି । ସମାଜର ଏଭଳି ଏକ ମହାନ ଉପକାର ସାଧନ କରିଥିବା ଗୁରୁ ବ୍ୟାସଦେବଙ୍କ ଉଦ୍ଦେଶ୍ୟରେ ଗୁରୁ ପୂର୍ଣ୍ଣମୀ ପାଳିତ ହୋଇଆସୁଛି । ବ୍ୟାସଦେବ ବେଦଗୁଡ଼ିକୁ ସଂକଳିତ କରି ଭାରତୀୟ ସମାଜର ମହାନ୍ ଉପକାର କରିଯାଇଛନ୍ତି । ପରବର୍ତ୍ତୀ ସମୟରେ ଏହା ଅନେକ ଆଗ୍ରହୀ ବିଦେଶୀ ଗବେଷକ ମାନଙ୍କ ଉପକାରରେ ମଧ୍ୟ ଲାଗିଛି । ଯେଉଁମାନେ ଏହାଦ୍ୱାରା ଉପକୃତ ହେବାକୁ ଇଚ୍ଛା କରିଛନ୍ତି ବା ଉପକୃତ ହୋଇଛନ୍ତି ସେମାନେ ହିଁ ଜାଣନ୍ତି ସମାଜ ପ୍ରତି ବ୍ୟାସଦେବଙ୍କ ଅବଦାନ କେଉଁସ୍ତରର । ସାଧାରଣତଃ ଯାହା କୁହାଯାଇଥାଏ ଗୁରୁ ଅଜ୍ଞାନ ଦୂର କରି ଜ୍ଞାନ ପ୍ରଦାନ କରିଥାନ୍ତି । ସେ ଜ୍ଞାନ ବୈଦିକ ଜ୍ଞାନ । ବେଦ ଶବ୍ଦର ଅର୍ଥ ଜ୍ଞାନ । ଜ୍ଞାନପ୍ରାପ୍ତ ହୋଇ ମାନବ ଯାହାକରେ ତାହା ତାର ମାନବ ଜନ୍ମକୁ ସାର୍ଥକ କରେ । ଅଜ୍ଞାନର ସହ କରାଯାଉଥିବା କର୍ମ ଅନ୍ୟକୁ ତଥା ନିଜକୁ ପୀଡ଼ା ଦିଏ । ଯାହାର ଅନ୍ୟ ଅର୍ଥ ପାପ । ତାହାର ଫଳ ସମସ୍ତଙ୍କୁ ଜଣା । ଗୁରୁ ଅନ୍ଧକାରରୁ ଆଲୋକକୁ ନେଇଥାନ୍ତି । ଏଠାରେ ଅନ୍ଧକାର ଅର୍ଥ ଅଜ୍ଞାନ ଓ ଆଲୋକ ଅର୍ଥ ଜ୍ଞାନାଲୋକ । ଗୁରୁ ଏତେ ବଡ଼ ଉପକାର ସାଧନ କରନ୍ତି ବୋଲି ଗୁରୁଙ୍କ ପ୍ରତି କୃତଜ୍ଞ ହୋଇ କେତେକ ଶ୍ଳୋକରେ ଗୁରୁ ମହିମା ବର୍ଣ୍ଣିତ ହୋଇଛି । ସେଥିରୁ କେତୋଟି – 'ଏକମପ୍ୟକ୍ଷରଂ ଯସ୍ତୁ ଗୁରୁଃ ଶିଷ୍ୟେ ନିବେଦୟେତ୍, ପୃଥିବ୍ୟାଂ ନାସ୍ତି ତଦ୍ଦବ୍ୟ ଯଦ୍ଦତ୍ତ୍ୱାଦନୃଣୀ ଭବେତ୍ ।' ଅର୍ଥ ''ଗୁରୁ ଶିଷ୍ୟକୁ ଯେଉଁ ଗୋଟିଏ ଅକ୍ଷର ଶିକ୍ଷା ଦିଅନ୍ତି ତା ବଦଳରେ ସାରା ପୃଥିବୀରେ ଏପରି କୌଣସି ପଦାର୍ଥ ନାହିଁ ଯାହା ଦେଇ ଶିଷ୍ୟ ଋଣମୁକ୍ତ ହୋଇପାରିବ ।'' 'ଯଜ୍ଞ ବ୍ରତ ତପୋଦାନଂ ଜପ ତୀର୍ଥାନୁ ସେବନଂ, ଗୁରୁ ତତ୍ତ୍ୱ ମବିଜ୍ଞାୟ ନିଷ୍ଫଳଂ ନାତ୍ର ସଂଶୟଃ ।' ଅର୍ଥାତ୍ ''ଗୁରୁ ତତ୍ତ୍ୱ ଅବଗତ ନହୋଇ ଯଜ୍ଞ, ବ୍ରତ, ତପ, ଦାନ, ଜପ ତୀର୍ଥ ପ୍ରଭୃତି ସମସ୍ତ କର୍ମ ନିଷ୍ଫଳ ପରିଗଣିତ ହୁଏ ।'' 'ଗୁରୁରିତ୍ୟକ୍ଷରଂ ଯସ୍ୟ ଜିହ୍ୱାଗ୍ରେ ଦେବିତିଷ୍ଠତ, ତସ୍ୟ କିଂ ବିଦ୍ୟତେ ମୋହ ବେଦପାଠେ ଶ୍ରମୋ ବୃଥା ।' ଅର୍ଥାତ୍ ହେ ଦେବି, ଯାହାର ଜିହ୍ୱାଗ୍ରରେ ଗୁରୁ ଅକ୍ଷର ଦ୍ୱୟ ବିଦ୍ୟମାନ ଥାଏ, ତାହା ଠାରେ କୌଣସି ପ୍ରକାର ଅଜ୍ଞାନତ ବା ମୋହ ରହି ନପାରେ । ଅନ୍ୟତ୍ର କୁହାଯାଇଛି, 'ଦେବାନା ଗୁରୁଣା ଭେଦୋଜ୍ଞାନାଦିନା କୃତଃ, ପାତୟେନ୍ନରକେ ତୀବ୍ରେ ଗୁରୁଭେଦ କରଂ ନରଂ ।' ଅର୍ଥ – ''ଯେଉଁ ବ୍ୟକ୍ତି ଅଜ୍ଞାନ ବନ୍ଧନ ଯୋଗୁଁ ଦେବତା ଓ ଗୁରୁ ମଧ୍ୟରେ ପ୍ରଭେଦ ଦେଖନ୍ତି, ସେମାନଙ୍କୁ ଭୀଷଣ ନର୍କରେ ପଡ଼ିବାକୁ ହୁଏ ।'' ଏଇଥି ପାଇଁ କୁହାଯାଇଥାଏ ଗୁରୁ ସାକ୍ଷାତ ପରମବ୍ରହ୍ମଂ । ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ ଗୁରୁଦେବ ମହେଶ୍ୱର । ଏହି ଶ୍ଳୋକଟିର ଅନ୍ୟଏକ ଅନ୍ତରାର୍ଥ ଅଛି । ପିତାମାତା ମଧ୍ୟ ଗୁରୁ ପଦବାଚ୍ୟ । ପିତାମାତା ସନ୍ତାନକୁ ସୃଷ୍ଟି କରନ୍ତି ବ୍ରହ୍ମା ସଦୃଶ, ପିତାମାତା ସନ୍ତାନକୁ ଲାଳନ ପାଳନ କରନ୍ତି ବିଷ୍ଣୁ ସଦୃଶ ଓ ସନ୍ତାନ ଠାରେ କୌଣସି କୌଣସି ଦୁରାଭ୍ୟାସ ବା ଦୁରାରୋଗ୍ୟ ଲକ୍ଷଣ ଦେଖିଲେ ତାହାକୁ ବିନାଶ କରିବା ପାଇଁ ମହେଶ୍ୱରଙ୍କ ଭୂମିକା ଗ୍ରହଣ କରନ୍ତି । ସେ ଦୃଷ୍ଟିରୁ ପିତାମାତା ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ତଥା ସାକ୍ଷାତ ପରଂବ୍ରହ୍ମ କହିଲେ କିଛି ଅତ୍ୟୁକ୍ତି ହେବନାହିଁ ।

ପିତାମାତାଙ୍କ ତୁଳନାରେ କିନ୍ତୁ ଗୁରୁଙ୍କର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ଗୋଟିଏ ଦୃଷ୍ଟିରୁ । ଶାସ୍ତ୍ରରେ କୁହାଯାଉଛି – 'ଶରୀରଦ ପିତାଦେବୀ ଜ୍ଞାନଦୋ ଗୁରୁରେବଚ, ଗୁରୋର୍ଗୁରୁ ତରୋନାସ୍ତି ସଂସାରେ ଦୁଃଖ ସାଗରେ ।' ଅର୍ଥ – ପିତାମାତା ଆମର ଦେହଦାତା ଅଟନ୍ତି, ଗୁରୁ ଜ୍ଞାନ ଦାତା ଅଟନ୍ତି, ଏ ଦୁଃଖପୂର୍ଣ୍ଣ ସଂସାରରେ ଗୁରୁଙ୍କ ଠାରୁ ଗୁରୁତ୍ୱପୂର୍ଣ୍ଣ ଆଉକିଛି ନାହିଁ । 'ଜନ୍ମ ହେତୃ ହି ପିତରୌ ପୂଜନୀୟୌ ପଯତ୍ନତଃ, ଗୁରୁ ବିଶେଷତଃ ପୂଜ୍ୟୋ ଧର୍ମାଧର୍ମ ପ୍ରଦର୍ଶକଃ ।' ଅର୍ଥ – ପିତା ଆମ ଜନ୍ମର ହେତୁ ହୋଇଥିବାରୁ ସର୍ବଦୌ ପୂଜନୀୟ, ଗୁରୁ ବିଶେଷ ଭାବେ ପୂଜ୍ୟ କାରଣ ସେ ଧର୍ମ ଓ ଅଧର୍ମ କ'ଣ ତାହାର ପ୍ରଦର୍ଶନ କରାଇଦେଇଥାନ୍ତି । ପରିଶେଷରେ କଥିତ ଅଛି 'ଯାବଦାୟୁ ସ୍ତ୍ୱୟୋ ବନ୍ଦ୍ୟା ବେଦାନ୍ତୋ ଗୁରୁରୀଶ୍ୱରଃ, ମାନସା କର୍ମଣାବାଚା ଶ୍ରୂତେରେବୈଷ ନିଶ୍ଚୟଃ ।' ଅର୍ଥ – ''ଯେ ପର୍ଯ୍ୟନ୍ତ ଆୟୁ ବିଦ୍ୟମାନ ଥିବ ସେ ପର୍ଯ୍ୟନ୍ତ ବେଦାନ୍ତ, ଗୁରୁ ଓ ଈଶ୍ୱର ତ୍ରୟଙ୍କର ବନ୍ଦନା କାୟମନୋବାକ୍ୟରେ କରଣୀୟ ।'' ଏହା ଶ୍ରୁତିର ସିଦ୍ଧାନ୍ତ । ପ୍ରକୃତରେ ଆମେ ଜୀବନ ଯାପନ କରୁଥିବା ଏହି ସଂସାରରେ ଏଭଳି ପରିସ୍ଥିତିମାନ ଉପୁଜିବ ସେ ସମୟରେ କ'ଣ କର୍ତ୍ତବ୍ୟ ଓ କ'ଣ କରଣୀୟ ତାହା ନିର୍ଣ୍ଣୟ କରିବା ସାଧାରଣ ମଣିଷ ପକ୍ଷେ କଷ୍ଟକର ହୋଇପଡ଼େ । ଫଳରେ ମଣିଷ କିଛି ଗୋଟାଏ କରିବସେ ଯାହାର ପରିଣାମ ଦୁଃସହ ହୋଇଯାଏ । ଆଧ୍ୟାତ୍ମିକ କ୍ଷେତ୍ରରେ ତ ଅବସ୍ଥା ଆହୁରି ଜଟିଳ ହୋଇପଡ଼େ । ତେଣୁ ପ୍ରତ୍ୟେକଙ୍କ ପାଇଁ ଗୁରୁ ନିତ୍ୟାନ୍ତ ଆବଶ୍ୟକ । ସେ ବ୍ୟକ୍ତି ଆକାରରେ ହୁଅନ୍ତୁ, ଗ୍ରନ୍ଥ ଆକାରରେ ହୁଅନ୍ତୁ ବା ଅଲୌକିକ ବାଣୀ ଆକାରରେ ହୁଅନ୍ତୁ । ଭଗବାନଙ୍କ ଅବତାର ମାନେ ମଧ୍ୟ ମାନବ ଶରୀର ଧରି ଆସିବା ସମୟରେ ପାର୍ଥିବ ଗୁରୁ ଗ୍ରହଣ କରିବା କଥା ଆମ୍ଭ ମାନଙ୍କୁ ଅଳ୍ପେ ବହୁତେ ଜଣା । ଗୁରୁ ଲାଭ କରିବା ପାଇଁ ବ୍ୟାକୁଳ ପ୍ରାର୍ଥନା ହିଁ ଗୁରୁଙ୍କୁ ଆଣି ପହଞ୍ଚାଇ ଦେଇଥାଏ । କେବଳ ଗୁରୁଙ୍କ ଆଜ୍ଞା ପାଳନ ହିଁ ମଣିଷକୁ ପୂର୍ଣ୍ଣତା ଦେଇଥାଇପାରେ ।

*ଅଲିଶା ବଜାର, କଟକ,*
*ଦୂରଭାଷ : ୯୩୩୭୨୪୨୯୫୫*

# ତସ୍ମୈ ଶ୍ରୀଗୁରୁବେ ନମଃ



ଯଶସ୍ୱିନୀ ପଟ୍ଟନାୟକ

ଆଜି ଆଷାଢ଼ ମାସ ପୂର୍ଣ୍ଣିମା ତିଥି । ଏହି ତିଥିକୁ ଗୁରୁ ପୂର୍ଣ୍ଣିମା ରୂପେ ପାଳନ କରାଯାଏ । ହିନ୍ଦୁ ଧର୍ମରେ ଏହି ପୂର୍ଣ୍ଣିମାର ବିଶେଷ ମହତ୍ତ୍ୱ ରହିଥିବା ଯୋଗୁଁ ଗୁରୁଙ୍କ ଭଗବାନର ସ୍ଥାନ ଦିଆଯାଇଛି । କାରଣ ଗୁରୁ ହିଁ ଶିଷ୍ୟଙ୍କୁ ନବଜୀବନ ପ୍ରଦାନ କରିଥାନ୍ତି । ସେମାନଙ୍କୁ ଅଜ୍ଞାନର ଅନ୍ଧକାରରୁ ମୁକ୍ତ କରାଇ ଜ୍ଞାନର ଆଲୋକ ପ୍ରଦାନ କରିଥାନ୍ତି । ଗୁରୁ ଶବ୍ଦଟି ହିଁ ଗୁରୁଙ୍କ ମହିମା ବର୍ଣ୍ଣନା କରିଥାଏ । 'ଗୁ'ର ଅର୍ଥ ଅନ୍ଧକାର ଏବଂ 'ରୁ'ର ଅର୍ଥ ପ୍ରକାଶ ହୋଇଥାଏ । ଏଥିପାଇଁ ଗୁରୁର ଅର୍ଥ ଅନ୍ଧକାରରୁ ପ୍ରକାଶକୁ ନେଇଯିବା । ତେଣୁ ଗୁରୁ ହିଁ ଶିଷ୍ୟଙ୍କ ଜୀବନରେ ସଫଳତାର ଉଚିତ ମାର୍ଗଦର୍ଶନ କରାଇଥାନ୍ତି । ପୁରାଣ ଅନୁସାରେ ଏହି ଦିନ ଭଗବାନ ବିଷ୍ଣୁଙ୍କ ଅବତାର ଗୁରୁ ବେଦ ବ୍ୟାସଜୀଙ୍କ ଜନ୍ମ ହୋଇଥିଲା । ସେ ମହାଭାରତ ଆଦି ଅନେକ ମହାନ ଗ୍ରନ୍ଥ ରଚନା କରିଥିଲେ । କୌରବ, ପାଣ୍ଡବ ଆଦି ସମସ୍ତେ ବେଦବ୍ୟାସଙ୍କୁ ହିଁ ଗୁରୁ ବୋଲି ମାନନ୍ତି । ଏଥିପାଇଁ ଆଷାଢ଼ ମାସ ପୂର୍ଣ୍ଣିମାକୁ ଗୁରୁ ପୂର୍ଣ୍ଣିମା ବା ବ୍ୟାସ ପୂର୍ଣ୍ଣିମା କୁହାଯାଏ । ଧର୍ମ ଗ୍ରନ୍ଥ ଅନୁସାରେ ଏହି ଦିନ ଯେଉଁ ବ୍ୟକ୍ତି ଗୁରୁଙ୍କ ଆଶୀର୍ବାଦ ପ୍ରାପ୍ତ କରିଥାଏ ତାର ଜୀବନ ସଫଳ ହୋଇଯାଇଥାଏ । ଏହି ଦିନ ଗୁରୁଙ୍କୁ ପୂଜା କରି ତାଙ୍କୁ ସମ୍ମାନ କରିବା ପରମ୍ପରା ପ୍ରଚଳିତ ରହିଛି । ହିନ୍ଦୁ ଧର୍ମ ଗ୍ରନ୍ଥରେ ଗୁରୁଙ୍କ ଭଗବାନଙ୍କ ଠାରୁ ମଧ୍ୟ ଶ୍ରେଷ୍ଠ ବୋଲି କୁହାଯାଇଛି । ଗୁରୁ ହିଁ ଶିଷ୍ୟମାନଙ୍କ ଭବିଷ୍ୟ ଗଢ଼ିଥାନ୍ତି ଏବଂ ସେମାନଙ୍କୁ ଜୀବନର ସବୁଠାରୁ କଠିନ ପରିସ୍ଥିତିର ମୁକାବିଲା କରିବା ପାଇଁ ମଧ୍ୟ ବାଟ ଦେଖାଇଥାନ୍ତି । ମହର୍ଷି ବେଦବ୍ୟାସ ଭବିଷ୍ୟତର ପୁରାଣରେ ଗୁରୁ ପୂର୍ଣ୍ଣିମା ବିଷୟରେ ଲେଖିଛନ୍ତି – 'ମମ ଜନ୍ମଦିନେ ସମ୍ୟକ୍ ପୂଜନୀୟଃ ପ୍ରୟତ୍ନତଃ । ଆଷାଢ଼ ଶୁକ୍ଳ ପକ୍ଷେତୁ ପୂର୍ଣ୍ଣିମାଂ ଗୁରୌ ତଥା । ପୂଜନୀୟୋ ବିଶେଷଣ ବସ୍ତ୍ରାଭରଣଧେନୁଭିଃ, କୃତେ ଦ୍ୱୟା ବିପ୍ର ମସ୍ୱରୂପସ୍ୟ ଦର୍ଶେନମ୍ ।' ଅର୍ଥାତ୍ – ଆଷାଢ଼ ଶୁକ୍ଳ ପୂର୍ଣ୍ଣିମା ମୋର ଜନ୍ମ ଦିବସ ଅଟେ । ଏହାକୁ ଗୁରୁ ପୂର୍ଣ୍ଣିମା କୁହାଯାଏ । ଏହି ଦିନ ପୁରା ଶ୍ରଦ୍ଧାର ସହ ଗୁରୁଙ୍କ ସୁନ୍ଦର ବସ୍ତ୍ର, ଆଭୂଷଣ, ଫଳ ପୁଷ୍ପ, ରତ୍ନ, ସ୍ୱର୍ଣ୍ଣ ମୁଦ୍ରା ଆଦି ସମର୍ପିତ କରି ତାଙ୍କର ପୂଜା କରିବା ଉଚିତ । ଏମିତି କରିବା ଦ୍ୱାରା ଗୁରୁଦେବଙ୍କ ମଧ୍ୟରେ ମୋର ହିଁ ସ୍ୱରୂପ ଦର୍ଶନ ହେବ । ଆଷାଢ଼ ପୂର୍ଣ୍ଣିମା ଦିନ ଗୌତମ ବୁଦ୍ଧ ପ୍ରଥମ କରି ଉତ୍ତର ପ୍ରଦେଶର ସାରନାଥଠାରେ ବୌଦ୍ଧ ଧର୍ମର ବାଣୀ ପ୍ରଚାର କରିଥିଲେ । ତେଣୁ ଏହି ଦିନ ବୌଦ୍ଧ ଧର୍ମାବଲମ୍ବୀ ପାଳନ କରନ୍ତି ଗୁରୁ ପୂର୍ଣ୍ଣିମା ଭାବରେ । ଆଜିଠାରୁ ବୌଦ୍ଧ ସନ୍ନ୍ୟାସୀ ପାଳନ କରନ୍ତି ବର୍ଷା ବାସ । ଅର୍ଥାତ୍ ବର୍ଷା ତିନି ମାସ ସେମାନେ ଗୋଟିଏ ସ୍ଥାନରେ ଅର୍ଥାତ୍ ବୁଦ୍ଧ ମନ୍ଦିରରେ ଅବସ୍ଥାନ କରନ୍ତି । କେହି କେହି ଏହି ସମୟରେ ଉଗ୍ର ତପ ସାଧନା ବି କରନ୍ତି ।

ଗୁରୁଙ୍କ ନିକଟରେ ଶିଷ୍ୟକୁ ସମସ୍ତ କଷ୍ଟରୁ ଦୂର କରିବାର କ୍ଷମତା ରହିଛି । ଏପରିକି ଜଣେ ଗୁରୁ ଚାହିଁଲେ ଶିଷ୍ୟକୁ ନିଜ ଠାରୁ ଶ୍ରେଷ୍ଠ ବ୍ୟକ୍ତିରେ ପରିଣତ କରିଦେଇପାରିବେ । ବୈଦିକ ମାନ୍ୟତା ଅନୁଯାୟୀ ଗୁରୁଶକ୍ତି ସର୍ବୋଚ୍ଚ ତଥା ସମ୍ମାନନୀୟ । ଗୁରୁଙ୍କ ଅସ୍ତିତ୍ୱ କେବଳ ଭୌତିକ ଶରୀର ପର୍ଯ୍ୟନ୍ତ ସୀମିତ ନଥାଏ, ବରଂ ଦିବ୍ୟ ଚେତନା ପର୍ଯ୍ୟନ୍ତ ଏହି ଶକ୍ତି ବ୍ୟାପ୍ତ ଥାଏ । ସେଥିପାଇଁ ଗୁରୁଙ୍କ ପରମାତ୍ମାଙ୍କ ଠାରୁ ଉଚ୍ଚ ସ୍ଥାନ ଦିଆଯାଇଛି । ପ୍ରଥମଗୁରୁ ତଥା ଆଦି ଗୁରୁ ହେଉଛନ୍ତି ସ୍ୱୟଂ ଭଗବାନ ଶିବ । ସେ ଶକ୍ତି ଆକାରରେ ସମସ୍ତ ବିଦ୍ୟମାନ ସ୍ୱରୂପର ବିଘଟନ ଏବଂ ପରିବର୍ତ୍ତନ ପାଇଁ ଉତ୍ତରଦାୟୀ । ଜଣେ ସାଧକ ପାଇଁ ଗୁରୁ ଭଗବାନଙ୍କ ସ୍ୱରୂପ । ଗୁରୁଙ୍କ ଶକ୍ତିର କୌଣସି ସୀମା ନାହିଁ । ଏହି ଶକ୍ତି ଅନନ୍ତ ତଥା ଅଖଣ୍ଡ । ଗୁରୁ କହିଥିବା ବାଣୀକୁ ଶିଷ୍ୟ ବୁଝିବା ଉଚିତ । ପ୍ରାଚୀନ କାଳରେ ମୁନିଋଷିମାନେ କହିଯାଇଛନ୍ତି, ଗୁରୁଙ୍କ ଛବି ହେଉଛି ସେହି ମୂଳତତ୍ତ୍ୱ ଯେଉଁଥିରୁ ଧ୍ୟାନ ଆସିଥାଏ । ସାଧକ ଦ୍ୱାରା କରାଯାଇଥିବା ପୂଜା ଅଥବା କୌଣସି ପ୍ରକାର ତପ ଗୁରୁଙ୍କ ଚରଣ କମଳରୁ ଆସିଥାଏ । ମନ୍ତ୍ରର ମୂଳ ଗୁରୁଙ୍କ ବଚନରୁ ଉଦ୍ଧୃତ ହୋଇଥାଏ ଏବଂ ଗୁରୁଙ୍କ କୃପାରୁ ମୋକ୍ଷ ପ୍ରାପ୍ତି ହୋଇଥାଏ । ଗୁରୁଙ୍କ ଶକ୍ତିକୁ ଅନୁଭବ କରିବାକୁ ହେଲେ ନିଜ ସୀମିତ ଇନ୍ଦ୍ରିୟଗୁଡ଼ିକର ଅହଙ୍କାରୀ ଅନୁଭବ ଠାରୁ ଊର୍ଦ୍ଧ୍ୱକୁ ଉଠିବାକୁ ହେବ । ସୀମିତ ମସ୍ତିଷ୍କରେ ଗୁରୁଙ୍କ ଅସୀମ ଶକ୍ତିକୁ ବୁଝିବା ଅସମ୍ଭବ । ପୁରାଣରେ ଗୁରୁଙ୍କୁ ନେଇ ଆଉ ଏକ ଶ୍ଳୋକ ମଧ୍ୟ ବର୍ଣ୍ଣିତ ରହିଛି – 'ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁଦେବୋ ମହେଶ୍ୱରଃ, ଗୁରୁଃ ସାକ୍ଷାତ୍ ପରଂ ବ୍ରହ୍ମ ତସ୍ମୈ ଶ୍ରୀଗୁରୁବେ ନମଃ ।' ଅର୍ଥାତ୍ – ଗୁରୁ ହିଁ ବ୍ରହ୍ମା, ଗୁରୁ ହିଁ ବିଷ୍ଣୁ ଏବଂ ଗୁରୁ ହିଁ ଭଗବାନ ଶଙ୍କର ଅଟନ୍ତି । ଗୁରୁ ହିଁ ସାକ୍ଷାତ ପରଂବ୍ରହ୍ମ ଅଟନ୍ତି । ଏମିତି ଗୁରୁଙ୍କ ମୁଁ ପ୍ରଣାମ କରୁଛି । ଗୁରୁ ପୂର୍ଣ୍ଣିମା ଅର୍ଥାତ୍ ଗୁରୁଙ୍କ ପୂଜା ଏବଂ ଗୁରୁଙ୍କ ଆଦର କରିବାର ଦିନ । ଏହା କୌଣସି ବ୍ୟକ୍ତିଙ୍କ ପୂଜା ନୁହେଁ । ଗୁରୁଙ୍କ ଦେହ ଭିତରେ ଯେଉଁ ବିଦେହି ଆତ୍ମା ରହିଛି, ପରଂବ୍ରହ୍ମ ପରମାତ୍ମାଙ୍କ ଆଦର, ଜ୍ଞାନର ଆଦର ତଥା ପୂଜା ହିଁ ବ୍ରହ୍ମଜ୍ଞାନର ପୂଜନ କରିବା ତଥା ଗୁରୁଙ୍କ ପୂଜା କରିବା ।

*ଅଧକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,*
*ସେକ୍ଟର-୮, ସିଡିଏ, କଟକ*

# ଭାରତୀୟ ବିଦ୍ୱାନମାନଙ୍କର ଇତିହାସ



ସର୍ବେଶ୍ୱର ବେହେରା

ଏକ ପକ୍ଷରେ ବ୍ରିଟିଶ ଐତିହାସିକ, ଖ୍ରୀଷ୍ଟିଆନ ଲେଖକ ତଥା ଭାରତୀୟ ସଂସ୍କୃତି ବିରୋଧୀ ମାର୍କ୍ସବାଦୀ ପ୍ରଚାରକ ଓ ଛଦ୍ମବେଶୀ ଧର୍ମନିରପେକ୍ଷବାଦୀମାନେ ଭାରତର ଇତିହାସକୁ ବିକୃତୀକରଣ କରିବା ସହିତ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ହୋଇ ଭବିଷ୍ୟ ପିଢ଼ି ମଧ୍ୟରେ କୁପ୍ରଭାବ ଜନ୍ମାଇବା ପାଇଁ ପ୍ରଚେଷ୍ଟା କରୁଥିବା ବେଳେ ଭାରତର ଅନେକ ସାଂସ୍କୃତିକ ରାଷ୍ଟ୍ରପୁରୁଷ ଏହି ବିଭ୍ରାନ୍ତିକର ପ୍ରଚାର ବିରୋଧରେ ଦୃଢ଼ ସ୍ୱର ଉତ୍ତୋଳନ କରୁଥିଲେ । ୧୮୯୧ ଖ୍ରୀଷ୍ଟାବ୍ଦରେ ସ୍ୱାମୀ ବିବେକାନନ୍ଦ କୋଲକାତା ବିଶ୍ୱବିଦ୍ୟାଳୟରେ ଛାତ୍ରମାନଙ୍କୁ ସମ୍ବୋଧିତ କରି କହିଥିଲେ ଇଂରେଜମାନଙ୍କ ଦ୍ୱାରା ରଚିତ ମିଥ୍ୟା ଇତିହାସ ପଠନ କରିବା ଆବଶ୍ୟକ ନୁହେଁ । ସେ ଏହାକୁ ଚସ୍ୱରଳୟକ୍ଟ ଐସକ୍ସ- ସ୍ୱକ୍ଟକ୍ସସମବକ୍ଷ ଚକ୍ସକ୍ଟକ୍ତ୍ରବଶକ୍ଟଭୟବ କହିଥିଲେ । ମହର୍ଷି ଅରବିନ୍ଦଙ୍କ ପ୍ରସିଦ୍ଧ ଉତରପାଡ଼ା ଭାଷଣରେ ଭାରତର ଇତିହାସକୁ ବ୍ୟାଖ୍ୟା କରିଥିଲେ । ଶ୍ରୀ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ 'ବଙ୍ଗଦର୍ଶନ' ଉପନ୍ୟାସରେ ବିକୃତ ଇତିହାସ ବିରୋଧରେ ଉଲ୍ଲେଖ କରି ଭାରତୀୟମାନେ ନିଜସ୍ୱ ଇତିହାସ ରଚନା କରିବା ପାଇଁ ଆହ୍ୱାନ କରିଥିଲେ । ଏହାକୁ ସିଷ୍ଟର ନିବେଦିତା ମଧ୍ୟ ଉଲ୍ଲେଖ କରିଥିଲେ । ନିଜର ଭାଷଣରେ ନିବେଦିତା ଭାରତୀୟ ସ୍ୱକୀୟ ଇତିହାସ ରଚନା ହେବା ଆବଶ୍ୟକ ବୋଲି କହୁଥିଲେ । ଲୋକମାନ୍ୟ ବାଲଗଙ୍ଗାଧର ତିଳକ ଇତିହାସ ନୂଆକରି ଲେଖିବା ପାଇଁ ଭାରତୀୟ ଐତିହାସିକମାନଙ୍କୁ ଆହ୍ୱାନ କରିଥିଲେ । ମହାତ୍ମା ଗାନ୍ଧୀ ମଧ୍ୟ ଇଂରେଜମାନଙ୍କ ଦ୍ୱାରା ରଚିତ ଇତିହାସ ବିକୃତ ବୋଲି ଅନେକ ସ୍ଥାନରେ ଉଲ୍ଲେଖ କରିଛନ୍ତି । ପ୍ରସିଦ୍ଧ ବିଦ୍ୱାନ ବି.ଡ଼ି. ବସୁ ଉଲ୍ଲେଖ କରିଛନ୍ତି ଯେ ଇଂଲଣ୍ଡବାସୀଙ୍କ ଠାରୁ ପ୍ରକୃତ ତଥା ବିଶ୍ୱସନୀୟ ଇତିହାସ ଆଶା କରିବା ସର୍ବଥା ଅସମ୍ଭବ । କାଶ୍ମୀରରେ ଦୀର୍ଘଦିନ ଉପକୁଳପତି ରହିଥିବା ଶ୍ରୀ କେ.ଏମ.ପାନ୍ନିକର ଭ୍ରମାତ୍ମକ ଓ ମିଥ୍ୟା ଇତିହାସ ପରିବର୍ତ୍ତନ ହେବା ଆବଶ୍ୟକ ବୋଲି କହିଛନ୍ତି । ମହାକବି ରବୀନ୍ଦ୍ର ନାଥ ଠାକୁର ଉଲ୍ଲେଖ କରିଛନ୍ତି 'ଆମେ ଭାରତର ଏକାଙ୍ଗୀ ଇତିହାସ ପାଠ କରୁଛୁ । ଇତିହାସରେ ଝଡ଼, ତୋଫାନ, ଭୂମିକମ୍ପ, ନଗର-ବସ୍ତି ଧ୍ୱଂସ ଆଦି ବର୍ଣ୍ଣନା ଅଛି । ଇତିହାସର ନିର୍ମାଣ, ବିକାଶର ମାର୍ଗଦ୍ରଷ୍ଟା- ସୁରଦାସ, ତୁଳସୀ, ମୀରା, ରସଖାନ, ନାନକ, ଚୈତନ୍ୟଙ୍କୁ ପଢୁନାହୁଁ । ଯଦି ଦିଲ୍ଲୀ, ଆଗ୍ରା ଉଲ୍ଲେଖ ଅଛି, ତେବେ କାଶୀ, ପ୍ରୟାଗ, ଉଜ୍ଜୈନ, ନବଦ୍ୱୀପ ସମ୍ବନ୍ଧରେ କାହିଁକି ଉଲ୍ଲେଖ ନାହିଁ ?' ପ୍ରସିଦ୍ଧ ବିଦ୍ୱାନ ଆନନ୍ଦ କୁମାର ସ୍ୱାମୀ ଆହ୍ୱାନ କରିଛନ୍ତି ଯେ ଆମ ଇତିହାସକୁ ବିକୃତ ତଥା ଭ୍ରମାତ୍ମକ ଇତିହାସକୁ ଆଉ କେତେଦିନ ପାଠ କରିବା ? ପଶ୍ଚିମର ଐତିହାସିକମାନଙ୍କ ସାହାଯ୍ୟରେ କେତେଦିନ ପର୍ଯ୍ୟନ୍ତ ଏପରି ଆମେ ଦାସତ୍ୱବୋଧ ଓ ହୀନମନ୍ୟତାର ଇତିହାସ ପାଠ କରୁଥିବା ? ଆମର ବିଦ୍ୱାନମାନେ ପଶ୍ଚିମର ନକଲ କରି ନିଜତ୍ୱ ହରାଇବା ଠିକ୍ ନୁହେଁ । ଏପରିକି ପଣ୍ଡିତ ଜବାହରଲାଲ ନେହେରୁ ଯେ କି ହିନ୍ଦୁତ୍ୱବିରୋଧୀ ଥିଲେ କିନ୍ତୁ ସେ ଇତିହାସକୁ ସଠିକ ରୂପେ ବିବେଚନା କରୁନଥିଲେ । ୧୯୩୧ ମସିହା ଜାନୁଆରୀ ୮ତାରିଖରେ ସେ ଏକ ପତ୍ର ନିଜର କନ୍ୟା ଇନ୍ଦିରାଙ୍କୁ ଲେଖି ଜଣାଇଥିଲେ ଯେ ସ୍କୁଲ ଓ କଲେଜରେ ପଢ଼ାଯାଉଥିବା ଇତିହାସ ଠିକ୍ ନୁହେଁ । ଏହାକୁ ବିକୃତ କରି ଦର୍ଶାଯାଇଛି ତଥା ଆମ ଦେଶକୁ ଘୃଣା କରୁଥିବା ବିଦ୍ୱାନମାନେ ଏପରି ଇତିହାସ ରଚନା କରିଛନ୍ତି ।' ଆମର ଇତିହାସକୁ ସେ 'ଉତ୍‌ପଟାଙ୍ଗ' ଇତିହାସ ବୋଲି କହିଥିଲେ । ସଂକ୍ଷେପରେ ପରାଧୀନତା କାଳଖଣ୍ଡ ମଧ୍ୟରେ ଆମ ଦେଶର ବିଦ୍ୱାନ ଓ ଚିନ୍ତକମାନେ ଇଂରେଜମାନଙ୍କ ଦ୍ୱାରା ରଚିତ ଇତିହାସକୁ ବିକୃତି, ଭ୍ରମାତ୍ମକ ଓ ମନଗଢ଼ା ତଥା ପୂର୍ବାଗ୍ରହରେ ପ୍ରେରିତ ବୋଲି କହିଥିଲେ । ଭାରତ ସ୍ୱାଧୀନ ହେବା ପରେ ପ୍ରକୃତ ନିରପେକ୍ଷ, ତଥ୍ୟଯୁକ୍ତ ଇତିହାସ ଲେଖାଯିବା ଅନିବାର୍ଯ୍ୟ ଥିଲା । ପ୍ରାଇମେରୀ ଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷାର ପାଠ୍ୟକ୍ରମକୁ ପରିଦର୍ଶନ କରିବା ଆବଶ୍ୟକ ବୋଲି ସମସ୍ତେ କହୁଥିଲେ । ଭାରତୀୟମାନେ ସ୍ୱାଭାବିକ ଆଶା କରୁଥିଲେ ଯେ ଭାରତର ଇତିହାସ ବିଦ୍ୱେଷ ଓ ପୂର୍ବାଗ୍ରହମୁକ୍ତ ହେଉ । ପଣ୍ଡିତ ନେହେରୁ ପ୍ରଧାନମନ୍ତ୍ରୀ ହେବାର ପ୍ରଥମ ଭାଷଣରେ ଏପରି ସୁଧାର ପାଇଁ ସଙ୍କେତ ଦେଇଥିଲେ । ବିଶ୍ୱରେ ଯେତେ ଦେଶ ପରାଧୀନ ମୁକ୍ତ ହୋଇଛନ୍ତି, ସେମାନେ ନିଜର ଇତିହାସ ରାଷ୍ଟ୍ରୀୟତା ଆଧାରରେ ଉଲ୍ଲେଖ କରିଛନ୍ତି । ଏହାର ଜ୍ୱଳନ୍ତ ଉଦାହରଣ ଗୋଟିଏ କ୍ଷୁଦ୍ର ଦେଶ ହଂକଂ ଅଛି । ୧୯୯୭ ମସିହାରେ ହଂକଂ ଇଂରେଜମାନଙ୍କ ଠାରୁ ସ୍ୱାଧୀନ ହେବା ପରେ ତୁରନ୍ତ ଦୁଇମାସ ମଧ୍ୟରେ ଇତିହାସ ପରିବର୍ତ୍ତନ କରି ନିଜର ପ୍ରକୃତ ଇତିହାସ ଲାଗୁ କରିଛି । ଭାରତୀୟ ଇତିହାସର ଏକ ବିଡ଼ମ୍ବନା ଯେ ଇଂରେଜମାନେ ଭାରତ ପରିତ୍ୟାଗ କରିବା ସହିତ କୌଣସି ଜନମତ ସଂଗ୍ରହ ନକରି କ୍ଷମତା କଂଗ୍ରେସକୁ ହସ୍ତାନ୍ତରଣ କରିଥିଲେ । କଂଗ୍ରେସର ତତ୍କାଳୀନ ଉତ୍ତରାଧିକାରୀମାନେ ଇତିହାସକୁ ବିକୃତୀକରଣର କୌଣସି ସୁଧାର ନ କରି କ୍ଷମତା ହାସଲ କରିବା ପାଇଁ ତଥା କ୍ଷମତାରେ ଅଧିକ ଦିନ ତିଷ୍ଠି ରହିବା ପାଇଁ ଇତିହାସର ବୌଦ୍ଧିକ ସମ୍ପଦକୁ ଭାରତର ମାର୍କ୍ସବାଦୀମାନଙ୍କୁ ଅର୍ପଣ କରିଥିଲେ । ଏହାଦ୍ୱାରା ଭାରତ ଇତିହାସର ବିକୃତୀକରଣ ତୀବ୍ର ଗତିରେ ବୃଦ୍ଧି ପାଇଲା ।କେବଳ ଭାରତର ବିଦ୍ୱାନମାନେ ନୁହନ୍ତି, ବିଦେଶର ଇତିହାସକାରମାନେ ଭାରତର ଏପରି କାର୍ଯ୍ୟ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଅନେକ ବିଦ୍ୱାନ ଐତିହାସିକମାନେ ଭାରତୀୟ ଇତିହାସ ମଧ୍ୟରେ ଥିବା ବିକୃତି, ଭ୍ରାନ୍ତି, ମନଗଢ଼ା କାହାଣୀ ଅଛି ବୋଲି ଜାଣିଥିଲେ । ପ୍ରସିଦ୍ଧ ବ୍ରିଟିଶ ଐତିହାସିକ ସି.ଏଚ.ଫିଲିପ୍ସ ସ୍ୱୀକାର କରିଛନ୍ତି ଯେ "ଏ ପର୍ଯ୍ୟନ୍ତ ଭାରତର ଇତିହାସକୁ ବ୍ରିଟିଶମାନେ ବିଶ୍ଳେଷଣ କରିଛନ୍ତି, ଏବେ ଭାରତ ସ୍ୱାଧୀନ ହେବା ପରେ ଦେଖିବା ଯେ ଭାରତୀୟମାନେ ନିଜର ଇତିହାସକୁ କିପରି ରଚନା କରୁଛନ୍ତି ।" ଜର୍ମାନୀର ପ୍ରସିଦ୍ଧ ବିଦ୍ୱାନ ତଥା ଐତିହାସିକ ଓ୍ୱିଲିୟମ ବୋଲ ପୋକଲେମର ଭାରତର ସ୍ୱାଧୀନତା ପରେ ଭାରତରେ ଦୀର୍ଘଦିନ ପର୍ଯ୍ୟନ୍ତ ଥିଲେ । ସେ ୧୯୮୧ରେ ଉଲ୍ଲେଖ କରିଛନ୍ତି ଯେତେବେଳେ ମୁଁ ଭାରତର ଇତିହାସ ପଢୁଛି ମୋତେ ଲାଗୁଛି ମୁଁ ଭାରତର ଇତିହାସ ପାଠ କରୁନାହିଁ । ଫ୍ରାନ୍ସର ବିଶ୍ୱପ୍ରସିଦ୍ଧ ପତ୍ରିକା ଲି' ଫିଗାରୋ'ର ପ୍ରସିଦ୍ଧ ଐତିହାସିକ ଫାରାନ୍ସ ଗଏଟିୟର (Frannols Gauttier) ଉଲ୍ଲେଖ କରିଛନ୍ତି ଯେ 'ଭାରତ ଇତିହାସକୁ ଆମେ ଏପରି ଦର୍ପଣରେ ଦେଖୁଛୁ ଯାହାକୁ ପାଶ୍ଚାତ୍ୟ ବିଚାରକମାନେ ନିର୍ମାଣ କରିଛନ୍ତି ।' ଅନ୍ୟ ଜଣେ ଫରାସୀ ଇତିହାସକାର ଓଙ୍ଗରେ ଡି.ରିଚ୍ୟୁକୋର୍ଟ ସ୍ୱୀକାର କରିଛନ୍ତି ଯେ 'ଭାରତର ପରିପ୍ରେକ୍ଷୀରେ ପାଶ୍ଚାତ୍ୟ ବିଦ୍ୱାନମାନଙ୍କର ବିଚାର ତ୍ରୁଟିପୂର୍ଣ୍ଣ ଥିଲା ।' ପ୍ରସିଦ୍ଧ ବିଦ୍ୱାନ ରୋନାଲଡ଼ ଇଣ୍ଡେନ ସ୍ୱୀକାର କରିଛନ୍ତି ଯେ ବ୍ରିଟିଶମାନେ ଭାରତୀୟମାନଙ୍କୁ ହୃଦୟଙ୍ଗମ କରିପାରି ନଥିଲେ । ସେମାନେ କେବଳ ଜାତି, ହିନ୍ଦୁଇଜମ୍, ରୀତିନୀତି ଆଦି କେତେକ ଘଟଣା ମଧ୍ୟରେ ସୀମିତ ଥିଲେ ।' ବ୍ରିଟିଶ ବିଦୂଷୀ କେଟେ ଟେଟସିଚର ସାବଧାନ କରିଦେଇଥିଲେ ଯେ ଭାରତବାସୀମାନେ ବାହାରର କୌଣସି ବ୍ୟକ୍ତିଙ୍କୁ 'ଭଦ୍ର ଯାତ୍ରୀ' Gentleman Traveller ରୂପେ ଗ୍ରହଣ କରିବା ଠିକ୍ ନୁହେଁ । ବିଶ୍ୱବିଖ୍ୟାତ ଇତିହାସକାର 'ଓ୍ୱାର୍ଲଡ଼ ଟୟନବି' ଉଲ୍ଲେଖ କରିଛନ୍ତି ପାଶ୍ଚାତ୍ୟ ବିଚାରକମାନେ ୟୁରୋପୀୟନ ଭାବନାରେ ଗ୍ରସିତ । ତାଙ୍କର ଚିନ୍ତନ କଦାପି ପରିବର୍ତ୍ତନ ହୋଇପାରିବ ନାହିଁ । ଭାରତର ସୁନ୍ଦର ସଂସ୍କୃତିକୁ ସେମାନେ ପାଶ୍ଚାତ୍ୟରୁ ଉଦଗମ ହୋଇଛି ବୋଲି କହିଛନ୍ତି । Whatever was best in India outer had its origin save water in the west and next is waste.

*ଆଡ଼ଭୋକେଟ, ଖଟବିନସାହି, କଟକ*
*ମୋ-୮୨୪୯୩୯୩୫୯୧*

# ଗୃହସ୍ଥର ଗୃହକୁ ଗୁରୁ ଆଗମନ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ବୁଦ୍ଧଂ ଶରଣଂ ଗଚ୍ଛାମି, ଧର୍ମ ଶରଣଂ ଗଚ୍ଛାମି, ସଙ୍ଘ ଶରଣଂ ଗଚ୍ଛାମି । ଏହି ତିନିଧାଡ଼ି ସଂସ୍କୃତ ପଂକ୍ତି, ପ୍ରକୃତରେ ଯେ ବୌଦ୍ଧଧର୍ମର ମୌଳିକ ସଭ୍ୟ ହେଉଥିଲେ ସେହିମାନେ ଏଇ ୩ ଧାଡ଼ିର ଶପଥ ପାଠ କରିବାକୁ ହେଉଥିଲା । ପୂର୍ବରୁ ଧର୍ମରେ ଦୀକ୍ଷିତ ବ୍ୟକ୍ତି ନବାଗତଙ୍କୁ ଶପଥ ପାଠ କରାଉଥିଲେ । ସେତେବେଳେ ପାଲିଭାଷା ବଳବତ୍ତର ଥିବାବେଳେ ଏହି ଶପଥପାଠ ସଂସ୍କୃତରେ ହିଁ କରାଯାଉଥିଲା । ଆଜିର ମନୁଷ୍ୟ ବହୁଦୈବ୍ୟ ମାନସ କରୁଥିବାରୁ ଅନେକ କଷ୍ଟ ଦୁଃଖକୁ ପରୋକ୍ଷ ଡାକି ଆଣୁଛନ୍ତି । ଏଥିରୁ ନିବୃତ୍ତିର ମାର୍ଗ ବୌଦ୍ଧ ଧର୍ମରେ ଗ୍ରହଣ କରାଯାଇଥିଲା । ବୌଦ୍ଧ ଭିକ୍ଷୁମାନେ ଭିକ୍ଷୁସଂଘର କମ ବୟସ୍କମାନଙ୍କୁ ନିୟମ ପ୍ରତିପାଳନ ତଦାରଖ କରୁଥିଲେ । ଜଣେ ଭିକ୍ଷୁ ହେବାକୁ ହେଲେ, ତାର ପିତା ମାତାଙ୍କୁ ଅନୁମତି ପ୍ରାପ୍ତ ହୋଇଥିବା ଦରକାର ଓ ତାଙ୍କୁ ଅନ୍ୟୁନ ୧୫ବର୍ଷ ବୟସ ହୋଇଥିବା ଦରକାର, ମୁହଁରେ ଦାଢ଼ୀ ନିଶ ରଖିବା ବୌଦ୍ଧ ଧର୍ମରେମନା ମସ୍ତିଷ୍କରେ ଚୁଳ ରଖିବା ମନା, ଲଣ୍ଡିତ ମସ୍ତିଷ୍କ ହିଁ ବୌଦ୍ଧ ସଂଘର କଠୋର ନିୟମ ଗେରୁଆ ବସ୍ତ୍ର ପରିଧାନ କରିବା ପୁଣି ଅଳ୍ପବସ୍ତ୍ର ରଖିବା ନିୟମ ଥିଲା ।

ଚର୍ତୁମାସ୍ୟା ସବୁ ଧର୍ମରେ ପାଳନ ଅଛି । ବର୍ଷା ଋତୁରେ ପୂର୍ବେ ନଦୀନାଳ ଜଳ ମଗ୍ନ ହୋଇଗଲେ ରାସ୍ତାଘାଟରେ ଚଳପ୍ରଚଳ ବାଧା ହେଉଥିଲା । ପୁଣି ପୂର୍ଣ୍ଣାଗର୍ଭାସ୍ୱୀ ଓ ପୂର୍ଣ୍ଣାଗର୍ଭା ଜଳାଧାର, ଏକ ଅର୍ଥ ପରି ଶାସ୍ତ୍ରରେ ଧରାଯାଏ ଏଥିରେ ଉପଗତ ହେବା ଲୋକ ଆୟୁକ୍ଷୟକାରୀ ବିହୁଛନ୍ତି । ପୂର୍ବରୁ ବଛା ଯିବା ଶିଷ୍ୟ ଗୃହରେ ବା କୌଣସି ଧନୀକ ଉଦାର ଗୃହରେ ଧର୍ମ ପ୍ରଚାରକ ସାଧୁମାନେ ଚର୍ତୁମାସ୍ୟା କାଟନ୍ତି ବା କାଟୁଥିଲେ ଶାସ୍ତ୍ର ଅଧ୍ୟୟନ, ଶାସ୍ତ୍ରର ପ୍ରବଚନ କରୁଥିଲେ ବା ମୌନସାଧନ କରୁଥିଲେ । ୮ମାସର ଅନୁଭୂତି ସହିତ ବିଗତ ଅନୁଭୂତି ପୁଣି ଶାସ୍ତ୍ରଲିଖିତ ଜ୍ଞାନରେ ଥିବା ରହସ୍ୟ ସେମାନେ ସରଳ ଲୋକଙ୍କୁ ବୁଝାଇ ଧର୍ମପଥକୁ ଆକୃଷ୍ଟ, କରୁଥିଲେ । ଚର୍ତୁମାସ୍ୟା ସାଧୁ ସେବାର ସମୟ ଉପଲବ୍ଧ କରି ଧର୍ମପ୍ରାଣା ଜନତା ଏଥିପ୍ରତି ଆକୃଷ୍ଟ ହେଉଥିଲେ । ଅଉଙ୍ଗ କଟକ ଜିଲ୍ଲାରେ ଏପରି ବହୁସନ୍ଥ ସେବକ ଥିଲେ କେନ୍ଦ୍ରାପଡ଼ାର ନରେନ୍ଦ୍ର ପରିବାର ବଡ଼କୋଠାରେ ବହୁ ସନ୍ନ୍ୟାସୀ ସାଧୁ ଶ୍ରୀକ୍ଷେତ୍ର ରଥଯାତ୍ରା ଦର୍ଶନ କରି ଫେରି ୪ ମାସ ଅବସ୍ଥାନ କରିବା ବହୁ ପ୍ରମାଣ ରହି ଆସିଛି । ନରେନ୍ଦ୍ର ପ୍ରକୃତରେ ମର୍ତ୍ତ୍ୟରେ ଇନ୍ଦ୍ର ଥିଲେ, ସେ ନଅଙ୍କ ଦୁର୍ଭିକ୍ଷରେ ୧୮୬୬ରେ ଅଜସ୍ର ଲୋକଙ୍କୁ ଅନେକ ଦିନ ଧରି ଭୋଜନ ଦେବା ପ୍ରାଚୀନ ପତ୍ର ପତ୍ରିକାରେ ପ୍ରମାଣ ଅଛି । ବୌଦ୍ଧଭିକ୍ଷୁମାନେ ଏହି ସମୟରେ ବୌଦ୍ଧ ଧର୍ମଗ୍ରନ୍ଥ ତ୍ରିପିଟକ ଓ ବୌଦ୍ଧ ସିଦ୍ଧାନ୍ତ ଗୁଡ଼ିକ ଅଧ୍ୟୟନ ଆଲୋଚନା କରୁଥିଲେ ଓ ଲୋକଙ୍କୁ ଅନ୍ୟାୟ ଆଚରଣରୁ କ୍ଷାନ୍ତ ପାଇଁ ଉପଦେଶ ଦେଉଥିଲେ । ଗୃହସ୍ଥ ସ୍ଥିର ସାଧୁ ସନ୍ଥମାନେ ପରିବ୍ରାଜକ ସାଧୁର ଅର୍ଦ୍ଧର ଗନ୍ତାଘର ହେଉଛନ୍ତି ଗୃହୀ, ଏକ ଓଳିକ ଆହାର ତାଙ୍କ ପାଖରେ ନାହିଁ ବା ଆଗକୁ କେମକିତି ଚଳିବେ ଏ ଆଶା କରନ୍ତି ନାହିଁ । ବୌଦ୍ଧ ସନ୍ଥମାନେ ଭିକ୍ଷୁ ବୋଲାନ୍ତି ଭିକ୍ଷୁ ଭିକ୍ଷୁକ ପଦରେ ଆସିଲେ ବି ସେ ଅନ୍ନ ବସ୍ତ୍ର ଭିକ୍ଷା ସହିତ ଗୃହସ୍ତର ଆଚରଣ ସଂସ୍କାର ଶୁଦ୍ଧ କରିବା ପାଇଁ ଥିବା କୁସଂସ୍କାର କୁଭାବନା, ଅନ୍ୟକୁ ନିର୍ଯ୍ୟାତନା ଦେବାର ଭାବକୁ କିପରି ଝୋଲିରେ ଭିକ୍ଷା ରୂପେ ନେଇଯାଇ ଲୋକକୁ ଶୁଦ୍ଧ ଭାବରେ ଚଳିବାକୁ ପଥ ଦେଇଯାଆନ୍ତି । ଦେବପୂଜା, ଦେବଦର୍ଶନ, ହିନ୍ଦୁମାନଙ୍କର ଏକ ଆଧ୍ୟାତ୍ମିକ ଉପଚାର, ବ୍ୟକ୍ତିର ଜଞ୍ଜାଳ ବୃଦ୍ଧି ତାମସିକ ବାରାଜସିକ ପ୍ରଭାବର ହୋଇଥାଏ । କିଛି ଦେହକଷ୍ଟ ଅର୍ଥକଷ୍ଟରେ ସାତ୍ତ୍ୱିକ ମାର୍ଗପାଇଁ ପୂଜାର୍ଚ୍ଚନା କରାଯାଏ ତିର୍ଥଗମନ ତୀର୍ଥସ୍ନାନ ସାଧୁପଦସେବା ଦାନ କରାଯାଏ । ସ୍ଥାୟୀ ଚୁମ୍ବକରେ ସ୍ପର୍ଶହୋଇ ଏକ ଲୁହା କଣ୍ଟାବି ଚୁମ୍ବକତ୍ୱ ପ୍ରାପ୍ତି ହେଉଛି ସେହିପରି ସାତ୍ତ୍ୱିକ ଆଚରଣ କାରିଙ୍କ ସଂସ୍ପର୍ଶରେ ଆସି ଲୋକ ସାତ୍ତ୍ୱିକ ହୋଇପାରନ୍ତି । ଗୁରୁ ପୁରୋହିତ ଭାବ ଚେତେଇ ଦେଲେ ଯାଇଁ ଏହା ସମ୍ଭବ । ବର୍ତ୍ତମାନ ସ୍ଥୁଳ ଭାବନା ସର୍ବତ୍ର ନାମ ପାଇଁ ଦାନ ଖଇରାତ ଏହାବି ରାଜସିକ ଏଥିରେ ସାତ୍ତ୍ୱିକ ଭାବ କେବେ ଶିବତତ୍ତ୍ୱ କଣ ଜାଣିନପାରେ ବେକରେ ପଇତା ପକାଇଲେ ସମସ୍ତେ ବ୍ରାହ୍ମଣ ହୋଇ ନପାରନ୍ତି । ତୁଳସୀମାଳା ବେକରେ ଧାରଣ କଲେ ପିଆଜ ରସୁଣ ନଖାଇଲେ କଣ ସତରେ କେହି ବୈଷ୍ଣବ ହୋଇପାରିବ କି ? କଥାରେ ଭାର୍ଗସ୍ୱଦାତା ହୋଇ କାର୍ଯ୍ୟ ବିପରୀତ କଲେ ରାକ୍ଷସ ମାୟାବୀ ଭାବ ରହିବ, ବିଷ୍ଣୁ ଗରୁଡ଼ାସୀନ, ଦେବୀମାଆଲକ୍ଷ୍ମୀ ପେଚାସୀନ ଏ ଦୁଇ ପକ୍ଷୀ କଣ ଆରୁଆଭାତ ଡାଲମା ସବୁଦିନେ ଖାଇବା କେହି କଳ୍ପନା କରିଛନ୍ତିକି ? ଆଚରଣ ଉଚ୍ଚାରଣ କିପରି ସମତୁଲ ମାର୍ଗ ଦର୍ଶକ ଗୁରୁ ଆବଶ୍ୟକ । ଏ କ୍ଷଣି ବାହାରି ଘଷର ଭାଗବତ ପରିଧର୍ମଶାସ୍ତ୍ର ପାଠ ହେଉନାହିଁ । ଅତିଥି ସେମା ଦୂରେଇ ଗଲାଣି, ଟିଭି ସିରିଆଲ ଲୋକଙ୍କୁ ବାର କରିଛି । ମହାଭାରତରେ ଟିଭି ଥିଲା । ଯୁଦ୍ଧର ବିବରଣୀ ଜାଣିବା ପାଇଁ ହେଲେ ଅନ୍ୟ ବେଳେ ଏହା ଗୌଣ ନିଶ୍ଚୟ ନହେଲେ ପାଣ୍ଡବଙ୍କ ଅଜ୍ଞାତ ବାସ କେବେ ସରିନଥାନ୍ତା । ଗୋରଖ ଗନ୍ଥି ମହିମାଧର୍ମ ଗନ୍ଥି ଓଡ଼ିଶାରେ ଘର ଘର ଅତିଥି ହେବାକୁ ଆସନ୍ତି । ବୈଶାଖ କାର୍ତ୍ତିକ ମାଘମାସରେ ପୁରୀ ଜିଲ୍ଲା ଚକରିଆ ବ୍ରାହ୍ମଣମାନେ ଗ୍ରାମ୍ୟ ସାହି ରାସ୍ତାରେ କିଛି ଉପଦେଶାତ୍ମକ ବ୍ୟଙ୍ଗ ଭାଷାରେ ଉପଦେଶ ଦେଇଥାନ୍ତି ମାଆ ମଙ୍ଗଳା ମାଆ ଶାରଳାଙ୍କ ପରି ଅନେକ ଦେବୀପୀଠରୁ ଘଣ୍ଟ ନେଇ କାଳେସୀ ବର୍ଷକୁ ଦୁଇ ତିନିଥର ପ୍ରତି ଗ୍ରାମ ସହର ଜନପଦକୁ ଆସନ୍ତି ଦେବତାର ଆଶୀର୍ବାଦ ରହିବା ଦର୍ଶାନ୍ତି ଲୋକଙ୍କୁ ସେମାନେ ଉପଦେଶ ପୂର୍ବେ ଦେଉଥିଲେ ଏବେ ସମୟ ପାଉନାହାନ୍ତି କାରଣ ଭିନ୍ନେ ହୋଇ ଏକ ପରିବାର ବହୁଧା ବିଭକ୍ତ । ଏଇବାନଙ୍କର ସେବା କରିବା ନିହାତି ଜରୁରୀ ମାତ୍ର ନିଜର କଷ୍ଟର କାରଣ ପ୍ରକଷେନ କଲେ ସେବା କଣ କହିବେ ? ପ୍ରତି ଗୃହସ୍ଥ ଘରକୁ ଅତି କମ୍‌ରେ ପୁରୋହିତ ବ୍ରାହ୍ମଣ ବର୍ଷକୁ ତିନି ଥର ଆସିଥାନ୍ତି ପିତା, ମାତା ଶ୍ରାଦ୍ଧ ଓ ମହାଳୟାଶ୍ରାଦ୍ଧ ପୁଣି ପିଲାର ଜନ୍ମଦିନ ବିବାହ ଗୃହ ପ୍ରତିଷ୍ଠା ପରି କାମରେ ତାଙ୍କୁ ନିମନ୍ତ୍ରଣ କରାଯାଏ । ଗୃହରେ ଅଶୌଚ ଘଟିଲେ ତାଙ୍କରି ଦ୍ୱାରା ହିଁ ଶୁଦ୍ଧି ଶୌଚ କରାଯାଏ । ଅନାଥକୁ ସଂସାରରେ ଠିଆ କରାଇବା ଦାୟିତ୍ୱ ତାଙ୍କଠାରେ ନିଶ୍ଚୟ ରହିଛି ଭଲ କରି ଅନୁଧ୍ୟାନ କଲେ ଜାଣିହେବ । ମାତ୍ର ସରକାର କାନୁନ ଏକ୍ଷଣି ମୂଲିଆ ମଜୁରୀ ବଢ଼ାଉଛନ୍ତି ବ୍ରାହ୍ମଣଙ୍କର ଦକ୍ଷିଣା କେମିତି ମିଳିବ, ତାହା ଚିନ୍ତା କରିନାହାଁନ୍ତି । ଫଳରେ ଅବହେଳିତଙ୍କର ଅନୁଚିନ୍ତା ଚମତ୍କାର ଯୋଗୁ ସେମାନେ ପଝଥହୁଡ଼ା । ପ୍ରତୀଗୃହସ୍ଥ ଘରକୁ ଗୁରୁବାକ୍ୟ ବହନକାରୀ ଆସନ୍ତି ଏହାକୁ ଚିହ୍ନିଲେ ହେଲା ନ ହେଲେ ବି ଓ୍ୱେୟାର ଅଫ୍ ଡଗ୍ ଗୋଟରେ ଲେଖିରେ ଅତିଥି ଗୁରୁ ସଦା ଦୂରରେ ରହିବା ସାହହେବ ।

*ସମ୍ପାଦକ, 'ବରେଣ୍ୟବାଣୀ' ଅରୁଣୋଦୟ ନଗର, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*




# -ଭାଗବତ ଟୁଙ୍ଗି-

ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା, ମାହାତ୍ମ୍ୟ, ଭକ୍ତି ଆଦି ସଂପର୍କରେ ବ୍ୟାସଦେବ ପ୍ରଣୀତ ସଂସ୍କୃତ ଭାଗବତ ଅବଲମ୍ବନରେ ଜଗନ୍ନାଥ ଦାସ ଓଡ଼ିଆ ଭାଗବତ ରଚନା କରିଥିଲେ। ଏହା ଓଡ଼ିଆଙ୍କ ମଧ୍ୟରେ ଖୁବ୍ ଆଦରଣୀୟ ଏକ ଧର୍ମଗ୍ରନ୍ଥ। ଏକଦା ପ୍ରତ୍ୟେକ ମଧ୍ୟବିତ୍ତ ଓଡ଼ିଆ ଘରେ ଏକ ସ୍ୱତନ୍ତ୍ର ଗାଦିରେ ଏହାକୁ ପୂଜା କରାଯାଉଥିଲା। ଏବେ ମଧ୍ୟ ଏହି ପରମ୍ପରା ବଞ୍ଚିରହିଛି। ଘରେ ଭାଗବତ ପୂଜା ପାଉଥିବା ସ୍ଥାନକୁ ଭାଗବତ ଗାଦି କୁହାଯାଏ। ସେହି ପରି ଗ୍ରାମମାନଙ୍କରେ ଭାଗବତ ପୂଜା ପାଉଥିବା ଘରକୁ କୁହାଯାଏ ଭାଗବତ ଟୁଙ୍ଗି। ଏକ ସମୟରେ ଦୈନିକ ସନ୍ଧ୍ୟାରେ ଟୁଙ୍ଗିରେ ଭାଗବତ ବୋଲାଯାଉଥିଲା। ଗ୍ରାମବାସୀ, ବିଶେଷତଃ ବୃଦ୍ଧମାନେ ଏହା ଶୁଣିବା ପାଇଁ ରୁଣ୍ଡ ହେଉଥିଲେ। ଏ ସଂପର୍କରେ ନିର୍ଝରିଣୀରେ ପଲ୍ଲୀକବି ନନ୍ଦକିଶୋର ବଳ ଲେଖିଛନ୍ତି ଭାଗବତ ଘରେ ରାମାୟଣ ପୋଥି ଗାଉଥିଲେ ପୁରୋହିତ, ଘୋର ବରଷାରେ ଅଶୋକ ବନରେ ସତୀ ବୈଦେହୀ ଚରିତ। ଭାଗୀରଥୀ ତୀରେ ଗହନ କାନ୍ତାରେ ଦେବର ଲକ୍ଷ୍ମଣ ଥରେ ରଥୁଁ ଅବତାରି ସୀତାଙ୍କୁ ଏକାକୀ ତେଜି ଫେରିଲେ ନଗରେ। ଭାଗବତ ଘରୁ ମାତାଙ୍କ ସଙ୍ଗରେ ଫେରିଗଲା ଶିଶୁଘରେ, ନୂଆ ବୋହୂ ପାଶେ ବସି ବର୍ଷାଗୀତ ଗାଇଲା ଚୁଲି ମୁଣ୍ଡରେ। ଭାଗବତ ଟୁଙ୍ଗି ସଂସ୍ପର୍ଶରେ ପୂର୍ବ ଆଦର ଯଦିଓ ଆଉ ନାହିଁ। ତଥାପି ହଜିନାହିଁ, ମରିନାହିଁ ଏହି ଖାଣ୍ଟି ଓଡ଼ିଆ ସଂସ୍କୃତି। ଏହାର ପୁନରୁଦ୍ଧାର ପାଇଁ ଅନେକ ବ୍ୟକ୍ତି ତଥା ଅନୁଷ୍ଠାନ ପ୍ରୟାସରତ। ଜିଏମ୍ଆର୍ ବରଲକ୍ଷ୍ମୀ ଫାଉଣ୍ଡେସନର ଦୃଷ୍ଟାନ୍ତ ଦିଆଯାଇପାରେ। ଏହି ସଂସ୍ଥା ପକ୍ଷରୁ ଢେଙ୍କାନାଳର ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ କମଳାଙ୍ଗ ଅଞ୍ଚଳର ତିନିଟି ଗ୍ରାମରେ ମୋଟ ଛଅଟି ଭାଗବତ ଟୁଙ୍ଗିର ନବନିର୍ମାଣ ସଂପନ୍ନ ହୋଇଛି। ଅଠରଟି କୀର୍ତ୍ତନ ମଣ୍ଡଳିକୁ ଢୋଲ, ଖଞ୍ଜଣି, ଝୁମୁକା, ଗିନି, ତୁରି ଆଦି ଯୋଗାଇଦିଆଯାଇଛି।

**ଭାଗବତ ଟୁଙ୍ଗିରେ ସନ୍ଧ୍ୟା :** ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ବେଳକୁ ଭାଗବତ ଟୁଙ୍ଗିର ପତନ ପର୍ବ ଆରମ୍ଭ ହୋଇସାରିଥିଲା। ତାଙ୍କ ଗ୍ରାମର ଭାଗବତ ଟୁଙ୍ଗିରେ ତାଳପତ୍ର ପୋଥି ନଥିବା ଏବଂ ସନ୍ଧ୍ୟାରେ ଲୋକେ ସେଠାରେ ବସି ଉଡା ଖବର ବାବଦରେ ଆଲୋଚନା କରୁଥିବା ସେ ଲେଖିଯାଇଛନ୍ତି। ତାଙ୍କ ଦ୍ୱାରା ଲିଖିତ ୧୯୦୩ରେ ପ୍ରକାଶିତ ଭାଗବତ ଟୁଙ୍ଗିରେ ସନ୍ଧ୍ୟା ଏକ ସୁପ୍ରସିଦ୍ଧ ରମ୍ୟ ରଚନା। ଶ୍ରୀଦୁର୍ମୁଖ ଶର୍ମା ଛଦ୍ମନାମରେ ସେ ଏହା ଲେଖିଥିଲେ। ଏହା ପ୍ରଥମେ ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିଲା।

**ଭାଗବତ ମେଳନ :** ଚୈତ୍ର ପୂର୍ଣ୍ଣମୀ ରାତ୍ରିରେ ଭାଗବତ ମେଳନ ଉତ୍ସବ ପାଳନ କରାଯାଏ। ଏହି ଅବସରରେ ଭିନ୍ନ ଭିନ୍ନ ସ୍ଥାନରେ ପୂଜିତ ଭାଗବତ ଗାଦିମାନଙ୍କୁ ବିମାନରେ ନିଆଯାଇ, ଏକ ସ୍ଥାନରେ ସମ୍ମିଳିତ କରାଯାଏ ଏବଂ ଯାତ୍ରା, କୀର୍ତ୍ତନ ଆଦି ଆୟୋଜିତ ହୁଏ।

## ବାଲେଶ୍ୱରରେ ବିଶ୍ୱ ମତ୍ସ୍ୟଜିବୀ ଦିବସ ପାଳନ



ବାଲେଶ୍ୱର (ପିଏନ୍)- ବାଲେଶ୍ୱର ବ୍ରିଟ୍ କଲ୍ୟାଣ ମଣ୍ଡପ ପରିଷରରେ ଜିଲ୍ଲା ମତ୍ସ୍ୟ ବିଭାଗ ଆନୁକୂଲ୍ୟରେ ଜିଲ୍ଲାର ୫୦ ଜଣ ଅଗ୍ରଣୀ ମତ୍ସ୍ୟ ଚାଷୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ନେଇ ବିଶ୍ୱ ମତ୍ସ୍ୟ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ ଯୋଗ ଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିସଦର ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ନିକୁଞ୍ଜ କୁମାର ରାଉତ, ଡ଼. ବନମାଳୀ ସାହୁ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ମୃତ୍ତିକା ସରଂକ୍ଷଣ ବିଭାଗ ଶ୍ରୀଯୁକ୍ତ ଶୀବ ଚରଣ ସେଠୀ, ବରିଷ୍ଠ ବୈଜ୍ଞାନିକ ସ୍ୱାଗତିକା ସାହୁ, ବିଶ୍ୱଜିତ ଶତପଥୀ ପ୍ରମୁଖ ଯୋଗ ଦେଇ ବିଶ୍ୱ ମତ୍ସ୍ୟ ଦିବସ ପାଳନ ର କାର୍ଯ୍ୟକ୍ରମକୁ ଉଦ୍ଘାଟନ କରି ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ସଭାରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଜିତେନ୍ଦ୍ର କୁମାର ବେହେରା ପ୍ରାରମ୍ଭିକ ଭାଷଣ ରଖିବା ସହ ଅତିଥି ପରିଚୟ ଏବଂ ବିଶ୍ୱ ମତ୍ସ୍ୟ ଦିବସର ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ମଧୁର ଏବଂ ସାମୁଦ୍ରିକ ବିଭାଗର ବିଭିନ୍ନ ଯୋଜନାଗୁଡ଼ିକ ସମ୍ପର୍କରେ ଅବଗତ କରାଇ ଚାଷୀମାନଙ୍କୁ ସଚେତନ କରାଯାଇଥିଲା। ବିଭିନ୍ନ ଯୋଜନା ମାଧ୍ୟମରେ ଉପକୃତ ହୋଇ ଶ୍ରେଷ୍ଠତ୍ୱ ପ୍ରତିବାଦନ କରିଥିବାରୁ ୫ ଜଣ ଅଗ୍ରଣୀ ଚାଷୀମାନଙ୍କୁ ମାନପତ୍ର ପୁରସ୍କାର ଏବଂ ଉପଢ୍ୱୌକନ ଦେଇ ପୁରସ୍କୃତ କରାଯାଇଥିଲା। ସଭା ଶେଷରେ ସହକାରୀ ମତ୍ସ୍ୟ ଅଧିକାରୀ ସ୍ୱର୍ଣ୍ଣରେଖା ବେହେରା ଧନ୍ୟବାଦ ଦେଇଥିଲେ।

## ବରିଷ୍ଠ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ




ଭୁବନେଶ୍ୱର (ପିଏନ୍): ବରିଷ୍ଠ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଭୁବନେଶ୍ୱର, ୟୁନିଟ୍-୬ସ୍ଥିତ ଲୋହିଆ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ସଭାପତି କାହ୍ନୁ ନନ୍ଦ ଅଧ୍ୟକ୍ଷତା କରିଥିବା ବେଳେ ଉପସଭାପତି ପ୍ରଦୀପ୍ତ କିଶୋର ଚୌଧୁରୀ, ସାଧାରଣ ସମ୍ପାଦକ ଆଶୁତୋଷ ବେହେରା, ସହ-ସମ୍ପାଦକ ମହେଶ୍ୱର ତ୍ରିପାଠୀ, ସଂଗଠନ ସମ୍ପାଦକ ବିପ୍ଳବ ମହାନ୍ତି, ପୁରୀ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ସରୋଜ ମିଶ୍ର, ଶରତ ବାରିକ, ଦେବ ସିଂହ, ସରୋଜ ନାୟକ ପ୍ରମୁଖ ଯୋଗଦେଇ ସାମ୍ବାଦିକମାନଙ୍କ ପାଇଁ ସାମ୍ବାଦିକ ସୁରକ୍ଷା ଆଇନ୍ ଓ ଅବସର ଗ୍ରହଣ କରୁଥିବା ସାମ୍ବାଦିକ ମାନଙ୍କ ପାଇଁ ପେନ୍‌ସନ୍ ବ୍ୟବସ୍ଥା ପ୍ରମୁଖ ୨ ଦଫା ଦାବି ସହିତ ଅନ୍ୟାନ୍ୟ ଦାବି ନେଇ ଆସନ୍ତା ଡିସେମ୍ବର ୧୫ ତାରିଖରେ ଧାରଣ ଦେବା ପାଇଁ ନିଷ୍ପତ୍ତି ନେଇଥିଲେ । ଏହି ନିଷ୍ପତ୍ତି ବୈଠକରେ ସର୍ବସମ୍ମତି ପ୍ରକାଶ ପାଇଥିଲା । ସଭାପତି ଶ୍ରୀ ନନ୍ଦଙ୍କ ସୂଚନା ମୁତାବକ ଭାରତରେ ୧୭ଟି ରାଜ୍ୟରେ ସାମ୍ବାଦିକ ପେନ୍‌ସନ୍ ଯୋଜନା କାର୍ଯ୍ୟକାରୀ ହୋଇସାରିଲାଣି ଏବଂ ୩ଟି ରାଜ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ୍ କାର୍ଯ୍ୟକାରୀ ହେଲାଣି, ହେଲେ ଆଜି ପର୍ଯ୍ୟନ୍ତ ଓଡ଼ିଶାରେ କାର୍ଯ୍ୟକାରୀ ନ ହେବା ନେଇ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିଥିବା ସୂଚନା ପ୍ରଦାନ କରିଛନ୍ତି। ଏହି ବୈଠକରେ ରାଜ୍ୟ ଉପସଭାପତି ଶ୍ରୀ ଚୌଧୁରୀ ଯୋଗ ଦେଇ ଏହି ଦାବି ସମ୍ପର୍କରେ ୨୦ ଅଗଷ୍ଟ ୨୦୨୨ରେ ରାଜ୍ୟ ସରକାରଙ୍କ ସହିତ ବିଭାଗୀୟ ମନ୍ତ୍ରୀ, ସଚିବ, ନିର୍ଦ୍ଦେଶକ ଓ ଅନ୍ୟାନ୍ୟ କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ କରାଯାଇଛି । ୧୯ ସେପ୍ଟେମ୍ବରରେ ମଧ୍ୟ ଏହାର ଅଗ୍ରଗତି ସମ୍ପର୍କରେ ମେଲ୍ ଜରିଆରେ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ ନ କରିବା ଯୋଗୁଁ ଆଜି ସଂଘର କାର୍ଯ୍ୟକାରିଣୀ ବୈଠକରେ ଡିସେମ୍ବର ୧୫ ତାରିଖରେ ବିଧାନସଭା ଆଗରେ ଦିନିକିଆ ଧାରଣା ଦେବାପାଇଁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ନିରଂଜନ ବାରିକ, ଚିତ୍ତରଂଜନ ଦାସ, ଗୌରାଙ୍ଗ ସ୍ୱାଇଁ, ବିପିନ୍ ସେଠୀ, ଗଙ୍ଗାଧର ରାଉତ, ମିହିର ନାୟକ ପ୍ରମୁଖ ଯୋଗଦେଇଥିଲେ।

## ପ୍ରଚାର ପରିବର୍ତ୍ତେ ବସ୍ତିର ମୌଳିକ ସମସ୍ୟାର ସମାଧାନ କରାଯାଉ



ରାଉରକେଲା (ପିଏନ୍): ରାଜ୍ୟ ସରକାର ଜାଗା ମିଶନ କାର୍ଯ୍ୟକ୍ରମ ଜରିଆରେ ବସ୍ତି ବିକାଶ କରିଥିବା କଥା କହୁଛନ୍ତି । ବିଭିନ୍ନ ବସ୍ତିରେ ପୌର ସଂସ୍ଥା ଜରିଆରେ ବସ୍ତି ଉନ୍ନୟନ କମିଟି ମଧ୍ୟ ଗଠନ କରିଛନ୍ତି । ତେବେ ଗତ କିଛିଦିନ ହେଲା ଜାଗା ଅଧିକାର କାର୍ଯ୍ୟକ୍ରମରେ ବସ୍ତିବାସୀଙ୍କୁ ସେମାନଙ୍କ ବାସଗୃହ ଜାଗାର ଅଧିକାର ଦିଆଯିବ ବୋଲି ପ୍ରଚାର ଚାଲିଛି । ତେବେ ଏତେସବୁ ପ୍ରଚାର ସତ୍ତ୍ୱେ ରାଉରକେଲା ମହାନଗର ନିଗମ ଅ'ର୍ଗତ ବିଭିନ୍ନ ବସ୍ତିରେ ଆଶାନୁରୂପ ବିକାଶ ହେବା ପରିବର୍ତ୍ତେ ବିକାଶ ବାଟବଣା ହୋଇଛି ବୋଲି କଂଗ୍ରେସର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି କହିଛନ୍ତି । ୱାର୍ଡ ପରିକ୍ରମା କାର୍ଯ୍ୟକ୍ରମରେ ୧୦ ନମ୍ବର ୱାର୍ଡର ମାଲଗୋଦାମ ବସ୍ତି, କ୍ଷେତି ବସ୍ତି ଓ ଚର୍ଚ୍ଚ ବସ୍ତି ଅଞ୍ଚଳ ବୁଲି ଦେଖିବା ସହିତ ସ୍ଥାନୀୟ ବସ୍ତିବାସୀଙ୍କ ସମସ୍ୟା ସମ୍ପର୍କରେ ସେମାନଙ୍କ ସହିତ ଆଲୋଚନା କରିଥିଲେ । ମାଲଗୋଦାମ ଓ କ୍ଷେତି ବସ୍ତିରେ ସମସ୍ତ ଅଞ୍ଚଳକୁ ଅଦ୍ୟାବଧି ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା ନ ହେବା, ନାଳିଗୁଡିକ ନିୟମିତ ଭାବେ ସଫେଇ ନ ହେବା ଏବଂ ଅନେକ ଅଞ୍ଚଳରେ ଆବଶ୍ୟକୀୟ କଂକ୍ରିଟ୍ ନାଳି ଓ ରାସ୍ତା ଅଦ୍ୟାବଧି ନିର୍ମାଣ ହୋଇନଥିବା ସମ୍ପର୍କରେ ବାସିନ୍ଦାମାନେ ଅଭିଯୋଗ କରିବା ସହିତ ସେଗୁଡିକୁ ବୁଲାଇ ଦେଖାଇଥିଲେ । କ୍ଷେତିବସ୍ତି ମଧ୍ୟଦେଇ ଯାଇଥିବା ମୁଖ୍ୟ ନାଳି ପାର୍ଶ୍ୱରାସ୍ତା ଅଧାରୁ ଛାଡି ଦିଆଯାଇଥିବା ବେଳେ ନିର୍ମିତ ରାସ୍ତାରୁ କିଛି ଭୁଷୁଡି ପଡିଥିବା ଦେଖିଥିଲେ । ସେହିପରି ବସ୍ତି ମଧ୍ୟରେ କେତେକ ଆଭ୍ୟ'ରୀଣ ରାସ୍ତା ଏଭଳି ନିର୍ମାଣ କରାଯାଇଛି ଯେ, ସାମାନ୍ୟ ବର୍ଷା ହେଲେ ସମ୍ପୃକ୍ତ ରାସ୍ତାରୁ ପାଣି ନିଷ୍କାସିତ ହୋଇପାରୁ ନଥିବା ବସ୍ତିବାସୀନ୍ଦାମାନେ ଅଭିଯୋଗ କରିଥିଲେ । ବସ୍ତିର କେତେକ ମୁଖ୍ୟ ସ୍ଥାନରେ ଲାଇଟ୍ ପୋଷ୍ଟ ନଥିବା ବେଳେ ଆଉ କେତେକ ସ୍ଥାନରେ ଲାଇଟ୍ ଜଳୁନଥିବା ବାସିନ୍ଦାମାନେ ଅଭିଯୋଗ କରିଥିଲେ । ସେହିପରି ଚର୍ଚ୍ଚ ବସ୍ତିରେ ଥିବା ନଳକୂପରୁ ଠିକ୍ ଭାବେ ପାଣି ବାହାରୁନଥିବା ବେଳେ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ଯୋଗାଇ ଦିଆଯାଇଥିବା ପାଇପ୍‌ରୁ ଜଳ ଯୋଗାଣ ଠିକ୍ ଭାବେ ହେଉନଥିବା ବାସିନ୍ଦାମାନେ ଅଭିଯୋଗ କରିଥିଲେ । ଏବେମଧ୍ୟ କେତେକ ଯୋଗ୍ୟ ହିତାଧିକାରୀ ରାସନ କାର୍ଡ ପାଇବାରୁ ବଞ୍ଚିତ ଥିବାବେଳେ କିଛି ଯୋଗ୍ୟ ବିବେଚିତ ହିତାଧିକାରୀ ଭତ୍ତା ମଧ୍ୟ ପାଇପାରୁ ନାହାଁନ୍ତି । ଏସବୁ ସମସ୍ୟା ପ୍ରତି ଯେଭଳି ଭାବେ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ତରଫରୁ ଗୁରୁତ୍ୱାରୋପ କରାଯିବା କଥା ତାହା ହେଉନାହିଁ ବୋଲି ଶ୍ରୀ ସେନାପତି ଅଭିଯୋଗ କରିଛନ୍ତି । ତେବେ ବସ୍ତିଗୁଡିକର ମୌଳିକ ସମସ୍ୟା ଗୁଡିକୁ ନେଇ ଖୁବ୍‌ଶୀଘ୍ର ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ଶ୍ରୀ ସେନାପତି ଏହି ଅବସରରେ ବାସିନ୍ଦାମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଶ୍ରୀ ସେନାପତିଙ୍କ ସହିତ ପିସିସି ସଭ୍ୟ ସବୀର ହୁସେନ, ସେବାଦଳର ସାରଦା ପ୍ରସନ୍ନ ଦାସ, ସ୍ଥାନୀୟ କଂଗ୍ରେସ ନେତା ଆବିଦ ହୁସେନ, ଜିଲ୍ଲା କଂଗ୍ରେସର ଦିଲ୍ଲିପ ଜେନା, ସ୍ଥାନୀୟ କଂଗ୍ରେସର ବିଜୟ ପରିଡା, ଅନୀଲ ଦାସ, ରୁଷି ସାହୁ, ରବୀନ୍ଦ୍ର ପ୍ରଧାନ, ସେକ ସମିର ପ୍ରମୁଖ ସାମିଲ୍ ହୋଇ ଏସବୁ ଅଞ୍ଚଳଗୁଡିକ ବୁଲି ଦେଖିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

## ଶିଶୁ ସୁରକ୍ଷା ସମିତି ପକ୍ଷରୁ ଜାତୀୟ ଶିଶୁ ଅଧିକାର ଦିବସ ପାଳନ



ଯୋଡା (ପିଏନ୍): କେନ୍ଦୁଝର ଜିଲ୍ଲା ଯୋଡା ପୌରାଞ୍ଚଳରେ ଥିବା ଶିଶୁ ସୁରକ୍ଷା ସମିତି ପକ୍ଷରୁ ଗତ ରବିବାର ଦିନ ଜାତୀୟ ଶିଶୁ ଅଧିକାର ଦିବସ ପାଳିତ ହୋଇଯାଇଛି । ଏହି ଦିବସ ଉପଲକ୍ଷେ ଶିଶୁ ସୁରକ୍ଷା ସମିତି ଯୋଡା ଶାଖାର ସଭାପତି ନିରଂଜନ ବହିଦାରଙ୍କ ଉଦ୍ୟମରେ ଶିଶୁ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ଏହି କ୍ରମରେ ସମିତି ପକ୍ଷରୁ ପ୍ରାୟ ୧୫୦ ପାଖାପାଖି ଅବହେଳିତ ଶିଶୁଙ୍କୁ ନେଇ ସୁରକ୍ଷା ଦେଉଥିବା ଉକ୍ତ ସମିତି ପକ୍ଷରୁ ଏକ ସଚେତନତା ରାଲି ଯୋଡା କେନ୍ଦ୍ରୀୟ ଖେଳପଡିଆ ଠାରୁ ଆରମ୍ଭ କରି ପଶ୍ଚିମ ଯୋଡା ଠାରେ ଥିବା ଗାର୍ଲସ ଆର.ବି.ସି. ପର୍ଯ୍ୟନ୍ତ କରାଯାଇଥିଲା । ଏଥିରେ ପ୍ଲା-କାର୍ଡ ମାଧ୍ୟମରେ ଭିନ୍ନ ଭିନ୍ନ ସ୍ଲୋଗାନ ଲେଖାଯିବା ସହ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯାଇଥିଲା । ଶିଶୁ ଶ୍ରମିକ ବନ୍ଦ କର, ବାଲ୍ୟ ବିବାହ ବନ୍ଦ କର, ପ୍ରଜାପତି ବାଟ ଫୁଲ ଆଡକୁ ଶିଶୁଙ୍କ ବାଟ ବିଦ୍ୟାଳୟ ଆଡକୁ, ଶିଶୁ ପଢିବେ ପାଠ ଯୁବ କରିବେ କାମ, ଯୁବ ହେଲେ ଭରସା ଶିକ୍ଷା ହେବ ବରଷା, ଶିଶୁର ଅଧିକାର ପାଠ ପଢିବା ପ୍ରଭୃତି ସ୍ଲୋଗାନ ଦେଇ ସଚେତନତା ବାର୍ତ୍ତା ବାଣ୍ଟୁଥିବା ଦେଖିବାକୁ ମିଳିଥିଲା । ଶେଷରେ ଗାର୍ଲସ ଆର.ବି.ସି. ଠାରେ ସଭାପତି ନିରନ ବହିଦାରଙ୍କ ଦ୍ୱାରା ଏକ ସଭାର ଆୟୋଜନ କରାଯାଇ ଶିଶୁ ଅଧିକାର ବିଷୟରେ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସଭାପତିଙ୍କ ବ୍ୟତୀତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଶ୍ୱାୟାର ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଏହି କାର୍ଯ୍ୟକ୍ରମ ପରେ ବିଭିନ୍ନ ଗ୍ୟାରେଜ୍‌ରେ କାର୍ଯ୍ୟ କରୁଥିବା ତିନୋଟି ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇ ଆଶ୍ୱାୟାରକୁ ପାଠ ପଢାଇବା ପାଇଁ ହସ୍ତାନ୍ତର କରାଯାଇଥିଲା ।

## ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭାର ସାଧାରଣ ପରିଷଦ




ଭୁବନେଶ୍ୱର (ପିଏନ୍: ରୋଟାରି ଭବନଠାରେ ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭାର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଧିବେଶନରେ ମୁଖ୍ୟ ଅତିଥି ଭାବେ ମାନ୍ୟବର କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା-ମୁଖ୍ୟଅତିଥି ଭାବେ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା-ମୁଖ୍ୟବକ୍ତା ଭାବେ, ଅବସରପ୍ରାପ୍ତ ଆଇ.ଏ.ଏସ୍. ଅଫିସର ଦେବରାଜ ସେନାପତି ସମ୍ମାନିତ ଅତିଥି ଭାବେ ଯୋଗଦେଇ କୈବର୍ତ୍ତ ସମାଜର ଆର୍ଥିକ, ସାମାଜିକ, ସ୍ୱାସ୍ଥ୍ୟ ଓ ଶିକ୍ଷାର ବିକାଶ ପାଇଁ ସମସ୍ତେ ଏକ ହୋଇ ଏକମନ ହୋଇ ଆଗେଇ ଯିବାକୁ ଆହ୍ୱାନ ଦେଇଥିଲେ । ଶ୍ରୀ ଜଗବନ୍ଧୁ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାଧାରଣ ପରିଷଦ ସମଗ୍ର ରାଜ୍ୟର ସବୁ ଜିଲ୍ଲାରୁ କୈବର୍ତ୍ତ ଭାଇ ଭଉଣୀମାନେ ଆସି ଏହି ଅଧିବେଶନରେ ଯୋଗ ଦେଇଥିଲେ ଓ ମୁଖ୍ୟ ସଂଯୋଜକ ନାରାୟଣ ବେହେରା ସଭା ପରିଚାଳନା କରିଥିଲେ । ଏହି ସଭାରେ ପରିଷଦର ସଭାପତି ପଦ ଖାଲି ପଡ଼ିଥିବା ଯୋଗୁଁ ସଭାପତି ପଦ ପାଇଁ ସର୍ବସମ୍ମତିକ୍ରମେ ଦେବେନ୍ଦ୍ର ବେହେରାଙ୍କ ନାମକୁ ପୂର୍ବତନ ମନ୍ତ୍ରୀ ଶ୍ରୀ ଗଣେଶ୍ୱର ବେହେରା ପ୍ରସ୍ତାବ ଦେଇଥିଲେ ଏବଂ ତାଙ୍କର ଏହି ପ୍ରସ୍ତାବକୁ ଉପସ୍ଥିତ ସମସ୍ତ କୈବର୍ତ୍ତ ଭାଇଭଉଣୀମାନେ ସମର୍ଥନ ଜଣାଇଥିଲେ। ନୂଆ ସଭାପତି ଦାୟିତ୍ୱ ନେବାପରେ ପ୍ରଥମେ ପରିଷଦକୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଥିଲେ । ମୋ ଜାତିକୁ ଆଗକୁ ବଢ଼ିବା ପାଇଁ ଚେଷ୍ଟା କରିବା ଯଥା- ଶିକ୍ଷା, ସ୍ୱାସ୍ଥ୍ୟ, ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ଉନ୍ନତି ପାଇଁ ସବୁ ପ୍ରକାର ଚେଷ୍ଟା କରିବା ପାଇଁ ମୁଁ ବଦ୍ଧ ପରିକର ବୋଲି ସଭାପତି ନିଜ ଭାଷଣରେ ଉଲ୍ଲେଖ କରିଥିଲେ। ଏପରିକି ସରକାରଙ୍କ ବିଭିନ୍ନ ଯୋଜନା ଆମ ଜାତି ପାଇଁ ଯାହାସବୁ ଅଛି ତାକୁ ସମସ୍ତଙ୍କ ସାମ୍ନାକୁ ଆଣିବା ପାଇଁ ଭରପୁର ଚେଷ୍ଟା କରିବେ ବୋଲି ସଭାପତି କହିଛନ୍ତି । ସେହିପରି ୧୯୫୦ ମସିହାରୁ ଏହି ମହାସଭା କଟକରୁ ଆରମ୍ଭ ହୋଇ ଆଜି ସବୁ ଜିଲ୍ଲାରେ ନିଜର ସଂଗଠନ ତିଆରି କରିଛି । ଏହି ଜାତିର ସ୍ୱାର୍ଥ ରକ୍ଷା ପାଇଁ ଚେଷ୍ଟା କରିଚାଲିଛି । ଆଜିର ଏହି ପରିବର୍ତ୍ତିତ ପରିସ୍ଥିତିରେ ମହାନଦୀର ଜଳସ୍ରୋତ କମିବା, ଚିଲିକାରେ ପ୍ରଦୂଷଣ ଜଳ ହେବା ଏବଂ ବିଭିନ୍ନ ନଦୀନାଳ ଅବସ୍ଥା ଶୋଚନୀୟ ହେବା ଯୋଗୁଁ ଆମର କୌଳିକ ବ୍ୟବସାୟରେ ଗୁରୁତ୍ୱର ବ୍ୟାଘାତ ହେଉଥିବା ବେଳେ କୈବର୍ତ୍ତ ଭାଇମାନରଙ୍କ ଆର୍ଥିକ ଉନ୍ନତି ଏବଂ ସ୍ୱାର୍ଥରକ୍ଷା ବଡ଼ କଷ୍ଟକର ହେଉଥିଲେ ମଧ୍ୟ ଆମେ ଆପ୍ରାଣ ଉଦ୍ୟମ କରି ଆମ ଜାତିର ଉନ୍ନତି ପାଇଁ କାମ କରିଚାଲିଛୁ ଏବଂ କରୁଥିବୁ ବୋଲି କହିବା ସହ ସବୁ ଜିଲ୍ଲାରେ ଆମ ସଂଗଠନକୁ ସୁଦୃଢ କରିବା ପାଇଁ ଖୁବ୍‌ଶୀଘ୍ର ଆଉ ଗୋଟିଏ ସାଧାରଣ ପରିଷଦ ଡାକି ଏହିସବୁ ସମସ୍ୟା ଉପରେ ବିଚାର ଆଲୋଚନା କରିବା ପାଇଁ ପ୍ରସ୍ତୁତ ହେଉଛୁ ବୋଲି କୈବର୍ତ୍ତ ପରିଷଦର ସାଧାରଣ ସମ୍ପାଦକ ରାମଚନ୍ଦ୍ର ବେହେରା ପ୍ରକାଶ କରିଛନ୍ତି।

## ରାମବାଗ ମହିଳା ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ



ଯାଜପୁର (ପିଏନ୍): ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ତଳିହା ପଞ୍ଚାୟତରେ ଅବସ୍ଥିତ ରାମବାଗ ମହିଳା ମହାବିଦ୍ୟାଳୟରେ ଯୁକ୍ତ ତିନି ପ୍ରଥମ ବର୍ଷର ବାଳିକାମାନଙ୍କୁ ନେଇ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ ତିନିର ଦ୍ୱିତୀୟ ଓ ତୃତୀୟ ବର୍ଷର ବାଳିକାମାନେ ମିଶି ଏହାର ଆୟୋଜନ କରିଥିଲେ। ଏଥିରେ ତାଙ୍କୁ ସହଯୋଗ କରିଥିଲେ ଯୁକ୍ତ ତିନିର ଦୁଇ ଅଧ୍ୟାପକ ନିର୍ମଳ ସାହୁ (ରାଜନୀତି ବିଜ୍ଞାନ), ଅଧ୍ୟାପିକା ନିକିତା ଦାସ (ଶିକ୍ଷା)। ଏହି ସ୍ୱାଗତ ସମ୍ବର୍ଦ୍ଧନାରେ ରବି ପୁହାଣ ସଭାପତିତ୍ୱ କରିଥିବା ବେଳେ, ସରୋଜ କୁମାର ଦାସ ମୁଖ୍ୟ ଅତିଥିରୂପେ ଯୋଗଦାନ କରିଥିଲେ, ଗଦାଧର ମିଶ୍ର ଉପସ୍ଥାପନା କରିଥିଲେ ତାଙ୍କ ସହିତ ଯୋଗ ଦେଇଥିଲେ ଜ୍ୟୋସ୍ନାରାଣି, ଜୟସ୍ମିତା ସାହୁ, ସରୋଜ କୁମାର ଦାଶ, ରବିନ୍ଦ୍ର କୁମାର ପାଣି, ଜ୍ୟୋତି ରଂଜନ ପୁହାଣ, ସନ୍ତୋଷ କୁମାର ଆଦି ସମସ୍ତ ସଦସ୍ୟ ସଦସ୍ୟାମାନେ ଅଂଶ ଗ୍ରହଣ କରିଥିଲେ। ଏହା ସହିତ ବାଳିକାମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ନାଚ, ଗୀତ ଓ ରଙ୍ଗୋଲି ଆଦି ରଙ୍ଗା ରଙ୍ଗ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। କୃତି ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ରଙ୍ଗୋଲିରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ପିନୁରାଣୀ ରାଉତ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ପୂଜାରାଣୀ ରାଉତ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ ଶୁଭସ୍ମିତା ପୋଥାଳ, ସଂଗୀତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ସ୍ୱର୍ଣ୍ଣପ୍ରିୟା ମହାପାତ୍ର, ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ସରୋଜିନୀ ବେହେରା, ତୃତୀୟ ସ୍ଥାନ ଅଧିକାର କରିଥିଲେ ମନସ୍ମିତା ବାରିକ। ନିର୍ମଳ ସାର୍ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା କ୍ଷେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିଲିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା ।

## ବାଂଶପାଣି ରେଲସାଇଡିଂରେ ୨ ଗୋଷ୍ଠୀ ସଂଘର୍ଷ ଘଟଣାରେ ମାଷ୍ଟର ମାଇଣ୍ଡ ଫେରାର ଡାମେଜ କଣ୍ଟ୍ରୋଲ ପାଇଁ କଲେଜ ର ଭଣଜାକୁ ଗିରଫ କଲା ପୋଲିସ

ଯୋଡ଼ା(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ବାଂଶପାଣି ରେଳ ସାଇଡିଂ ଠାରେ ଗତ ସେପ୍ଟେମ୍ବର ମାସ ୧୨ ତାରିଖ ଦିନ ଲୁହା ପଥର ପରିବହନକୁ ନେଇ ଘଟିଯାଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଅଭିଯୁକ୍ତଙ୍କୁ ଆମିର ହୁସେନକୁ (୩୦) ଯୋଡା ଥାନା ପୋଲିସ ସୋମବାର ମଧ ରାତ୍ରୀରେ ଗିରଫ କରି କେଶ ନଂ ୧୩୦/ ୨୦୨୦ ଦଫା ୧୪୭/୧୪୮/ ୪୫୨/୩୨୩/୩୨୫/୪୩୬/ ୪୨୭/୩୦୭/୫୦୬/୧୪୭ ଆଇପିସି ଧାରରେ ମାମଲା ରଜୁ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଖବର ହସ୍ତଗସ୍ତ ହୋଇଛି । ସ୍ଥାନୀୟ ଅଧୀବାସୀଙ୍କ ଠାରୁ ପ୍ରକାଶ ଯେ ଆମିର ହୁସେନର ମାମୁଁ ଏମଡି ଫିରୋଜ ଅହମ୍ମଦ ଓରଫ କଲେଜ ସିଧାସଳଖ ଭାବେ ଏହି ଘଟଣାରେ ଗଣ୍ଡଗୋଳ ଏବଂ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିଲେ ମଧ ଯୋଡା ଥାନା ପୋଲିସ କଲେଜଙ୍କ ଉପରେ ଅହେତୁକ ଅନୁକମ୍ପା ଦେଖାଉଥିବା ମନେ ହୁଏ । ଏକଦା ତ କାଳୀନ ବଡବିଲ ଏସଡିପିଓ ରାଜେଶ ପଣ୍ଡିତଙ୍କର ଅତ୍ୟନ୍ତ ଅନୁମତ ଭାବେ ପ୍ରଚାର କରି ନିଜ ଇଛା ମୁତାବକ ବିଭିନ୍ନ ଖଣି ସଂସ୍ଥାରୁ କାର୍ଯ୍ୟ ନେବା ଏବଂ ସ୍ଥାନୀୟ ଅ ଳର ଜନସାଧାରଣ ନାମରେ ପୋଲିସକୁ ମିଥ୍ୟା ତଥ୍ୟ ଯୋଗାଇ ପୋଲିସର ଇନ୍‌ଫର୍ମ ସାଜି କଲେଜ କୋଟି କୋଟି ଟଙ୍କା ମୁନଫା କରିଥିବା ସାଧାରଣରେ ଚର୍ଚ୍ଚା ହୁଏ । ପିଲେଟ ଚୋରି ଠାରୁ ଆରମ୍ଭ କରି ବାଂଶପାଣି ୟୁନାଇଟେଡ୍ କ୍ରସର ଘଟଣା ରେ ଗିରଫ କରାଇବା ସହିତ ମୁକେଶ ସିଂଙ୍ଘାନିଆ କୁ ଗିରଫ ଘଟଣାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କଲେଜ ନିଜ ସ୍ୱାର୍ଥ ସାଧାରଣ ନିମନ୍ତେ ପୋଲିସକୁ ହାତ ବାରିସ କରି ବ୍ୟବହାର କରୁଥିଲା । ପୋଲିସର ଧମକ ଚମକ ଦେଇ କାମ ହାତଇବା ସହିତ ଯେ କେହିବି ତାଙ୍କ ସ୍ୱାର୍ଥ ରେ ବାଧା ସୃଷ୍ଟି କରୁଥିଲେ ତାଙ୍କୁ ଜେଣେ ତେଣେ ପ୍ରକାରଣେ ପୋଲିସ ସହାୟତା ନେଇ ଗିରଫ କରାଇ ଯୋଡା ଅ ଳରେ ଭୟର ବା ାବରଣ ସୃଷ୍ଟି କରୁଥିଲେ । ଘଟଣା ଦିନ ବାଂଶପାଣି ସାଇଡିଂରେ ବିବାଦର ସୂତ୍ରପାପ୍ତ ଏବଂ ଆକ୍ରମଣର ମାଷ୍ଟର ମାଇଣ୍ଡ କଲେଜ ଥିବା ନେଇ ଫିରୋଜ ମହମ୍ମଦ ଓରଫ କଲେଜ ଥିବା ନେଇ ଯଥେଷ୍ଟ ପ୍ରମାଣ ମିଳୁଥିଲେ ମଧ ଯୋଡା ଥାନା ପୋଲିସ ଏଜାବତ କଲେଜକୁ କାହିଁକି ଗିରଫ କରିନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । କଲେଜ ର ଭଣଜା କୁ ଗିରଫ କରିଥିବା ବେଳେ ମାଷ୍ଟର ମାଇଣ୍ଡ କଲେଜ ଫେରାର ଥିବା ପୋଲିସର ସ୍ୱଚ୍ଛତା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । କଲେଜ ଭଳି ଜଣେ ସାଧାରଣ ଲୋକ ଏତେ ଶିଘ୍ର ପୋଲିସର ଆସ୍ଥାଭାଜନ କିପରି ହୋଇପାରିଲା ଏବଂ ଏଜାବତ ତାର କାର୍ଯ୍ୟକଳାପ ପୋଲିସ ରାଡାରକୁ ନଆସିବା ଘଟଣା ସମସ୍ତଙ୍କୁ ଚକିତ କରିଛି । କଲେଜ ଉପରେ ବାରମ୍ବାର ଆଙ୍ଗୁଳି ନିର୍ଦ୍ଦେଶ ହେଉଥିଲେ ମଧ ପୋଲିସ କେଉଁ ସ୍ୱାର୍ଥକୁ ଆଖି ଆଗରେ ରଖି ତାକୁ ଗିରଫ କରୁନଥିବା ବେଳେ ତାଙ୍କ ଭଣଜା ଆମରି ହୁସେନ ପୂର୍ବରୁ ବାଂଶପାଣି ରେଳ ସାଇଡିଂରେ ଆଇରନ ପିଲେଟ ଚୋରି ଘଟଣାରେ ଜେଲ ଯାଇଥିବା ଜଣାପଡିଛି । ଏହି ଘଟଣାରେ କେନ୍ଦୁଝର ଜିଲ୍ଲା ଏସପି ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି ।

## ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

କେନ୍ଦ୍ରାପଡା (ପିଏନ)- ଜନଶକ୍ତି ପାର୍ଟି ପକ୍ଷରୁ କରୋନା ମହାମାରୀ ସମୟରେ ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ କରାଯାଇଛି । ଉଦାହରଣ ସ୍ୱରୁପ କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ୬୨ ଟି ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୨୩ ଜଣ ଡାକ୍ତର ଅଛନ୍ତି । ଅନେକ ସମୟରେ ଡାକ୍ତରମାନେ ବେସରକାରୀ ଭାବେ ଚିକିତ୍ସା କରୁଥିବାରୁ ଗରିବ ଅସହାୟ ଲୋକ ମାନଙ୍କୁ ପ୍ରକୃତ ଚିକିତ୍ସା କରାନଯାଇ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଉଛି । ଗରିବ ଲୋକଟି ଆମ୍ବୁଲାନସ ସୁବିଧାରୁ ମଧ୍ୟ ବଂଚିତ ହେଉଛି । ସେହିପରି କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ପର୍ଯ୍ୟାପ୍ତ ସଂଖ୍ୟକ ବେଡ ନାହିଁ ଏବଂ ଯାହା କିଛି ଅଛି ତାହା ସମ୍ପୂର୍ଣ୍ଣ ଭାବେ ପୁରୁଣା ଓ ନଷ୍ଟ ହୋଇ ଯାଇଛି । ୨.୯୦ କି.ମି ବାଟ ଟ୍ରଲିରେ ବୁହା ହୋଇ ଆସିଥିବା ଅସହାୟ ମହିଳାଙ୍କ ମୃତ୍ୟୁର ପ୍ରକୃତ ତଦନ୍ତ କରାଗଲେ ଓଡିଶାରେ ସ୍ୱାସ୍ଥ୍ୟସେବାର ପ୍ରକୃତ ଚିତ୍ର ପଦାକୁ ଆସିପାରିବ । ସେହି ପରିବାରର ଜଣଙ୍କୁ ସରକାରୀ ଚାକିରୀ ପ୍ରଦାନ କରାଯାଉ । ଓଡିଶାରେ ବିଭିନ୍ନ ଖାଉଟି ସାମଗ୍ରୀ ଓ ପନିପରିବାର ଅହେତୁକ ଦର ବୃଦ୍ଧି ଜନ ସମାଜକୁ ବ୍ୟଥିତ କରୁଛି । ଏହାର ନିରାକରଣ ନିମନ୍ତେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜନଶକ୍ତି ପାର୍ଟି ପକ୍ଷରୁ ଦାବୀ କରାଯାଇଛି । ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଡଭୋକେଟ ପ୍ରଦୀପ କୁମାର ଦାଶ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ସହକାରୀ ଜିଲ୍ଲାପାଳ ଶିବ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି ।

## ଚୋରୀ ମାମଲାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ଉଠାଇନେଇଛି

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ସହରର ସଟରତାଡି ଚୋରୀ କରିବା ଓ ମହିଳା ବିଜେଡି ସଭାନେତ୍ରୀଙ୍କ ଘରୁ ଝରକା ରେଲିଂ ତାଡି ଚୋରୀ କରିବା ଘଟଣାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ସନ୍ଦେହରେ ଉଠାଇ ନେଇ କୌଣସି ଏକ ଅଜଣା ସ୍ଥାନରେ ରଖି ପଚରାଉଚୁରା କରୁଥିବା ଜଣାପଡିଛି । ପୋଲିସ ଉଠାଇ ନେଇଥିବା ସଂପୃକ୍ତ ବ୍ୟକ୍ତି ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ରଣପଡା ଗ୍ରାମର ସେକ ବାବୁ ।

## ଓଡ଼ିଶା ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂସ୍କାର ବିରୋଧରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା, (ପିଏନ)- ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସଂସ୍କାର ଆଣିବା ନିମନ୍ତେ ଗତ ସେପ୍ଟେମ୍ବର ୪ରେ ପ୍ରକାଶିତ ଅଧ୍ୟାଦେଶ ସଂଖ୍ୟା ୮୨୧୯-ଆଇ-ଲେଗିସି- ୩୫/ ୨୦୨୦/ ଏଲକୁ ବିରୋଧ କରି ମୟୂରଭଞ୍ଜ ସିଟିଜେନ ଫୋରମ୍, ମୟୂରଭଞ୍ଜ ସାହିତ୍ୟ ପରିଷଦ ପ୍ରମୁଖ ସଙ୍ଗଠନ ସହ ଜିଲ୍ଲାର ବୁଦ୍ଧିଜୀବୀଗଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶିତ ଅଧ୍ୟାଦେଶ ଅନୁଯାୟୀ ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ଏଣିକି ବିଶ୍ୱବିଦ୍ୟାଳୟ ସ୍ତରରେ କୁଳପତିଙ୍କ ଅଧ୍ୟକ୍ଷତାରେ ନହୋଇ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା କରାଯିବ । ଯାହାକୁ ନେଇ ବିବାଦ ଦେଖାଦେଇଛି । ବିଶ୍ୱବିଦ୍ୟାଳୟ ଏକ ସ୍ୱୟଂଚାଳିତ ଶିକ୍ଷା ଅନୁଷ୍ଠାନ । ଉହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହଯୋଗରେ ପରିଚାଳିତ ହୋଇଥାଏ । ଏହାର ଆସିଷ୍ଟାଂଟ ପ୍ରଫେସର, ଆସୋସିଏଟ ପ୍ରଫେସର, ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଭାରତ ସରକାରଙ୍କ ସ୍ୱତନ୍ତ୍ର ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନିର୍ଦ୍ଦିଷ୍ଟ ନୀତି, ମାର୍ଗଦର୍ଶୀକା ଅନୁଯାୟୀ ହୋଇଥାଏ । ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର ଚାକିରୀରୁ ଅବସର, ପଦୋନ୍ନତି, ପରିତ୍ୟାଗ, ବୀଦେଶ ଗମନ, ଅନ୍ୟ ବିଶ୍ୱବିଦ୍ୟାଳୟରେ ଯୋଗଦାନ ଆଦି କାରଣରୁ ପ୍ରତ୍ୟେକ ବର୍ଷ ବହୁ ପଦବୀ ଖାଲିପଡ଼ିଥାଏ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନୀତି ଓ ମାର୍ଗଦର୍ଶୀକା ଅନୁଯାୟୀ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଶିକ୍ଷକ ନିଯୁକ୍ତି ଚୟନ କମିଟି ତତ୍କାଳ ଏହାର ନିଯୁକ୍ତି ପ୍ରକ୍ରିୟା ଶେଷ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା ବାତାବରଣକୁ ରକ୍ଷା କରିପାରିଥାଏ । ବିଶ୍ୱବିଦ୍ୟାଳୟ ସମାଜର ସର୍ବୋଚ୍ଚ ସମ୍ମାନୀୟ ଜ୍ଞାନ ଓ ଗବେଷଣାର ପବିତ୍ର କ୍ଷେତ୍ର ହୋଇଥିବା ସମୟରେ କୁଳପତି ମଧ ସର୍ବୋଚ୍ଚ ସମ୍ମାନୀୟ ବ୍ୟକ୍ତି ଅଟନ୍ତି । ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ପବ୍ଲିକ ସାର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ହେଲେ ଖୋଲା ଖୋଲି ଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ନୀତି ଓ ମାର୍ଗଦର୍ଶୀକାକୁ ଉଲ୍ଲଙ୍ଘନ କରାଇବ । ପୁଣି ଓପିଏସସି ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ଅସମ୍ଭବ ଅଟେ । ଫଳରେ ଶିକ୍ଷକ ଅଭାବ ଜନିତ ପରିସ୍ଥିତି ହେତୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟିହେବା ସାଙ୍ଗକୁ ଅଶାନ୍ତ ବାତାବରଣର କାରଣ ପାଲଟି ଯିବ । ପୁଣି କୁଳପତି ପରି ସର୍ବୋଚ୍ଚ ପଦବୀର ଅମର୍ଯ୍ୟାଦା ହୋଇ ତାହା ପ୍ରଶାସନ ଓ ଅମଲାତନ୍ତ୍ରର ଖେଳନା ହୋଇଯିବ । ଏଥି ସହିତ ବିଶ୍ୱବିଦ୍ୟାଳୟର ଚରମ ଅଧୋଗତି ହେବ ବୋଲି ଦର୍ଶାଇ ମୟୁରଭଞ୍ଜ ସିଟିଜେନ ଫୋରମ ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ, ଓଡ଼ିଆ ଜାଗରଣ ମଂଚର ସଭାପତି ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ବେଳେ ଏହାର ନକଲ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଚେୟାରମ୍ୟାନ ଓ ସେକ୍ରେଟେରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ, ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି ।

## ବିଜୁଳି ଓ ରାସ୍ତାରୁ ବଂଚିତ ଚନ୍ଦନପୁର ଜେନାସାହି ଗ୍ରାମବାସୀ

### ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଚେତାବନୀ

କେନ୍ଦ୍ରାପଡା, (ପିଏନ)- ସ୍ୱାଧିନତାର ୭୪ ବର୍ଷ ପରେ ମଧ ଗ୍ରାମବାସୀ ମାନେ ଗାଁକୁ ଯିବାକୁ ରାସ୍ତା ପାଉ ନଥିବା ବେଳେ ଗ୍ରାମ୍ୟ ବିଦ୍ୟୁତକରଣ ଯୋଜନା ସାତ ସପନ ହୋଇ ରହିଛି । ରାସ୍ତା ନଥିବାରୁ ବର୍ଷ ସାରା ପାଣି କାଦୁଅରେ ପଶି ବିଲ ଭିତରେ ନିଜ ଘରକୁ ଯାଉଥିବା ଭଳି ଏକ ବାସ୍ତବ ଚିତ୍ର କେନ୍ଦ୍ରାପଡା ବ୍ଲକ ଅଧିନ କଂସାର ପଂଚାୟତର ଚନ୍ଦନପୁର ଗ୍ରାମର ଜେନାସାହିରେ ଦେଖିବାକୁ ମିଳୁଛି । ଚନ୍ଦନପୁର ଗ୍ରାମର ପଡା ଗ୍ରାମରେ ରହୁଥିବା ପ୍ରାୟ ୨୦ଟି ପରିବାର ରାସ୍ତା ଓ ଆଲୋକ ପାଇଁ ଅଭିଶପ୍ତ ଜୀବନ ବିତାଉଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । କେନ୍ଦ୍ରାପଡା ଟାଉନରୁ ମାତ୍ର ୭ କିମି ଦୂରରେ ଅବସ୍ଥିତ ଏହି ଗ୍ରାମର ଅବସ୍ଥା ଆଖିରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ନିର୍ବାଚନ ସମୟରେ ଭୋଟ୍ ପାଇଁ ପ୍ରଚାର କରିବାକୁ ଆସୁଥିବା ନେତା ମାନେ ରାସ୍ତା ଏବଂ ଆଲୁଅ ଯୋଗାଇ ଦେବା ପାଇଁ ପ୍ରତିଥର ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଉଥିଲେ ମଧ ଏପର୍ଯ୍ୟନ୍ତ ତାହା ପାଣିର ଗାର ହୋଇ ରହିଛି । ସ୍ଥାନୀୟ ସରପଂଚ ପ୍ରଦ୍ୟୁମ୍ନ ଜେନା ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଉଦ୍ୟମ କରିଥିଲେ ମଧ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗର ଅସହଯୋଗ କାରଣରୁ ସ୍ଥାନୀୟ ବାସିନ୍ଦା ଦହଗଞ୍ଜ ଭୋଗୁଥିବା ଜଣାପଡିଛି । ଏହି ଗ୍ରାମରେ ରହୁଥିବା ପ୍ରାୟ ୨୦ ଘର ଦଳିତ ସଂପ୍ରଦାୟର ପରିବାର ନିଜର ମୌଳିକ ସୁବିଧା ପାଇବା ପାଇଁ ଆପତି ଅଭିଯୋଗ କଲେ ମଧ କେହି ଶୁଣିବାକୁ ନାହାନ୍ତି । ନିର୍ବାଚିତ ପ୍ରତିନିଧି ମାନେ ଭୋଟ୍ ପାଇବା ପରେ ଦ୍ୱିତୀୟ ଥର ପାଇଁ ଗାଁ ଭିତରେ ପାଦ ପକାଉ ନଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏହି ଗ୍ରାମବାସୀ ମାନଙ୍କୁ ଯାତାୟତ ପାଇଁ ରାସ୍ତା, ଆଲୋକ ଓ ପାନୀୟ ଜଳ ଯଥା ଶିଘ୍ର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆ ନଗଲେ ଏହି ଦଳିତ ସଂପ୍ରଦାୟର ବ୍ୟକ୍ତିମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।




ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
୨୬ ବର୍ଷରେ
Bhubaneswar Sunday July 21 2024 ଭୁବନେଶ୍ୱର ରବିବାର, ଜୁଲାଇ ୨୧,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଦ୍ୱିତୀୟ ସାଧନକେନ୍ଦ୍ର ସ୍ତରୀୟ ବୈଠକ ଅନୁଷ୍ଠିତ



ଓଡ଼ଗାଁ,(ପି.ଏନ):ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ନିର୍ଦ୍ଦେଶ ଅନୁଯାୟୀ ଆଜି ସମଗ୍ରଶିକ୍ଷା କାର୍ଯ୍ୟାଳୟ ନୟାଗଡ଼ ପକ୍ଷରୁ ସାରା ଜିଲ୍ଲାର ପ୍ରତ୍ୟେକ ବ୍ଲକର ସାଧନକେନ୍ଦ୍ର ତରଫରୁ ଏହାର ସଂଯୋଜକମାନଙ୍କ ଜରିଆରେ ଦ୍ୱିତୀୟ ପର୍ଯ୍ୟାୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ଓଡ଼ଗାଁ ବ୍ଲକ୍ ମଶାବାରୀ ସାଧନକେନ୍ଦ୍ର ତରଫରୁ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ କୁରୁମବାଙ୍କତରାଠାରେ ସାଧନକର୍ମୀ ଯଶୋବନ୍ତ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗଦୀଶ ମିଶ୍ର ବୈଠକକୁ ଉଦଘାଟନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ବଂଶୀଧର ପାଲ୍ ଓ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।ବୈଠକରେ ସାଧନକେନ୍ଦ୍ର ପରିସରଭୁକ୍ତ ବାରଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ସମୁଦାୟ ଯୋଗଦାନ କରି ବୈଠକର ବିଭିନ୍ନ ଆଲୋଚ଼ନାରେ ଅଂଶଗ୍ରହଣ କରିଥିଲେ ।ସରକାରଙ୍କ ପକ୍ଷରୁ ଆହୂତ ବିଭିନ୍ନ ଶୈକ୍ଷିକ କାର୍ଯ୍ୟକ୍ରମର ସଫଳ ରୂପାୟନ କରିବା, ଶିକ୍ଷା ସପ୍ତାହ ପାଳନ ସହ ବିଦ୍ୟାଳୟ ପରିବେଶ, ଛାତ୍ରଛାତ୍ରୀମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ତଥା ସାଇବର୍ ସୁରକ୍ଷା ଆଦି ସମ୍ପର୍କିତ ବିଶଦ ଆଲୋଚ଼ନା କରାଯାଇଥିଲା । ପରିଶେଷରେ ଅଂଶଗ୍ରହଣକାରୀଙ୍କ ପକ୍ଷରୁ ପ୍ରଧାନ ଶିକ୍ଷକ ଭାବଗ୍ରାହୀ ମହାପାତ୍ର ଓ ରଞ୍ଜିତ କୁମାର ମହାପାତ୍ର ବୈଠକ ସମ୍ପର୍କିତ ନିଜସ୍ୱ ମତାମତ ରଖିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ୨ଟି ସ୍ଥାନରେ ଦୁର୍ବଳ ନଦୀବନ୍ଧ ଚିହ୍ନଟ

ଧର୍ମଶାଳା, (ପିଏନ୍): ଜାରକା ଜଳସେଚନ ବିଭାଗ ଅଧିନରେ ବ୍ରାହ୍ମଣୀ, କେଲୁଅ, ବିରୁପା ନଦୀ ପ୍ରବାହିତ ହେଉଥିବା ବେଳେ ଏହି ନଦୀ ଗୁଡିକରେ ୩୨୫.୯୦ କିମି ନଦୀବନ୍ଧ ରହିଛି । ଜାରକା ଜଳସେଚନ ବିଭାଗ ଦ୍ୱାରା ଏହି ନଦୀ ବନ୍ଧର ୨ ଗୋଟି ସ୍ଥାନରେ ଦୁର୍ବଳ ନଦୀବନ୍ଧ ଚିହ୍ନଟ କରାଯାଇ ଯାଜପୁର ଜିଲ୍ଲାପାଳ ଓ ଏସଆରସିଙ୍କୁ ଅବଗତ କରଯାଛି । ଏହି ଜଳ ସେଚନ ବିଭାଗ ଅନ୍ତର୍ଗତ ବିରୁପା ନଦୀ ବାମ ପାର୍ଶ୍ୱ ନିଳପଦା ଠାରେ ୫୩୦ ମିଟର ଓ ବରୀ ଜଳସେଚନ ସବଡିଭିଜନ ଅଧିନ ବ୍ରହ୍ମଣୀ ନଦୀର ଡାହାଣ ପାର୍ଶ୍ୱ ମତପଡା ଠାରେ ୨୦୦ମିଟର ନଦୀବନ୍ଧ ଦୁର୍ବଳ ଥିବା ଚିହ୍ନଟ କରାଯାଇଛି । ତେବେ ଏହିସବୁ ଅଂଚଳରେ ବନ୍ୟା ମୁକାବିଲା ପାଇଁ ୪ ହଜାର ଫୁଟ ବାଲି ଓ ୪ହଜାର ସିମେଂଟ ଅଖା ଗଛିତ କରି ରଖାଯାଇଛି ଜାରକା ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ କାମଦେବ ଦାସ ସୂଚନା ଦେଇଛନ୍ତି ।

# ଭିନ୍ନକ୍ଷମଙ୍କୁ ସଠିକ ସମୟରେ ଭତ୍ତା ମିଳୁନଥିବା ଅଭିଯୋଗ



କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଆଇତିପୁର ଗ୍ରାମର ତପସ୍ୱିନୀ ସାମନ୍ତରାୟଙ୍କ ଝିଅ ଦିପ୍ତିମୟୀ ସାମନ୍ତରାୟ ଜନ୍ମରୁ ୮ବର୍ଷ ଧରି ଏକ ଅଜଣା ରୋଗରେ ପିଡିତ ହୋଇ ବିଛଣାରେ ପଡିରହିଛନ୍ତି । ଏସମ୍ପର୍କରେ ବାରମ୍ବାର ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବା ପରେ ତାଙ୍କୁ ଡାକ୍ତରୀ ପରୀକ୍ଷା କରାଯାଇ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ ପରେ ତାଙ୍କ ନାମରେ ଭିନ୍ନକ୍ଷମ ଭତ୍ତା ମଞ୍ଜୁର କରାଯାଇଥିଲା । କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର କଥା ହେଉଛି ଯେ ଏହି ଭିନ୍ନକ୍ଷମ ଭତ୍ତା ଉପରେ ନିର୍ଭର କରି ଚଳୁଥିବା ଭିନ୍ନକ୍ଷମ ଦିପ୍ତିମୟୀଙ୍କୁ ପ୍ରତିମାସରେ ସଠିକ ସମୟରେ ଭତ୍ତା ନମିଳିବାରୁ ସେ ଅସହାୟ ହୋଇପଡି ଥିବା ଅଭିଯୋଗ ହୋଇଛି । ଜିଲ୍ଲାପାଳ ଏଥିପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି ।

# ପଲ୍ଲୀରତ୍ନ ବଂଶୀଧରଙ୍କ ଜୟନ୍ତୀ ପାଳିତ



ଦଶରଥପୁର / ଯାଜପୁର,(ପି.ଏନ): ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅନ୍ତର୍ଗତ ବାଲିଗଣ୍ଡ (କୁଆଁରପୁର)ର ବିଶିଷ୍ଟ ପରିବେଶବିତ, ସାହିତ୍ୟିକ, ଗବେଷକ, ଶିକ୍ଷାବିତ ପଣ୍ଡିତ ବଂଶୀଧର ପଣ୍ଡାଙ୍କ ଜୟନ୍ତୀ ଯାଜପୁର ସହରସ୍ଥିତ ନରଣପୁରର ସବୁଜସ୍ୱପ୍ନ କାର୍ଯ୍ୟାଳୟ ଠାରେ ଆଜି ପାଳିତ ହୋଇଯାଇଛି । ବୈଷ୍ଣବ ଦ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଆଦିକନ୍ଦ ସାମଲ, ମୁଖ୍ୟଅତିଥିରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ଯଯାତିକେଶରୀ ମେଡିକାଲ କଲେଜ, ଯାଜପୁରର ଡାକ୍ତର ଅନନ୍ୟ ଅବିନାଶ ପଣ୍ଡା ସମ୍ମାନିତ ଅତିଥି, ଇଂ. ମନୋରଂଜନ ପରିଡ଼ା ମୁଖ୍ୟବକ୍ତା ଓ ସମାଜସେବୀ ଚିନ୍ମୟ ପରିଡ଼ା ସମ୍ମାନିତ ବକ୍ତାରୂପେ ଯୋଗଦେଇଥିଲେ । ଶ୍ରୀ ପଣ୍ଡାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ଅତିଥିମାନେ ତାଙ୍କ ଜୀବନାଦର୍ଶ ବିଷୟରେ ଆଲୋଚନା କରିଥିଲେ । ଶ୍ରୀ ପଣ୍ଡାଙ୍କ ବିଭିନ୍ନ ପୁସ୍ତକ ମଧ୍ୟରେ "ଓଡ଼ିଆ ଭାଗବତ ଓ ଅନ୍ୟାନ୍ୟ ପ୍ରସଙ୍ଗ" ବେଶ ପାଠକୀୟ ସ୍ୱୀକୃତି ଲାଭ କରିଅଛି । ୧୯୨୭ ମସିହା ଜୁଲାଇ ୭ ତରିଖରେ ଜନ୍ମିତ ଶ୍ରୀ ପଣ୍ଡା ପ୍ରକୃତ ବନ୍ଧୁପୁରସ୍କାର, ଦଧିଚୀ ସମ୍ମାନ ଓ ପଲ୍ଲୀରତ୍ନ ଉପାଧି ଆଦି ଲାଭ କରିଥିଲେ । ଗତ ୨୦୨୧ ମସିହା ଜୁଲାଇ ୨୧ ତାରିଖରେ ସେ ଦେହ ତ୍ୟାଗ କରିଥିଲେ । ସ୍ୱର୍ଗତ ପଣ୍ଡାଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତି ବର୍ଷ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି । ଏହି ଅବସରରେ ଆଜି ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିବେଶ ଓ ସଂସ୍କୃତି ଆଧାରିତ ସାଧାରଣ ଜ୍ଞାନ ଓ ପ୍ରବନ୍ଧଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

# ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ଦ୍ୱାରା ସମ୍ବଲପୁର, ବୌଦ୍ଧ ଏବଂ କେନ୍ଦୁଝର ଅଞ୍ଚଳର ପ୍ରମୁଖ ରେଳ ପ୍ରକଳ୍ପ ନିରୀକ୍ଷଣ



ଭୁବନେଶ୍ୱର,(ପି.ଏନ): ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଆଜି ସମ୍ବଲପୁର ପରିଦର୍ଶନରେ ଯାଇ ଚ଼ାଲୁ ରହିଥିବା ଖୋର୍ଦ୍ଧା ରୋଡ-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ଝରମୁଣ୍ଡା-ବୌଦ୍ଧ ରେଳ ସେକ୍ସନ ନିରୀକ୍ଷଣ କରିବା ସହିତ ସମ୍ବଲପୁର-ଜରପଡା ରେଳ ସେକ୍ସନର ରେଳ ଭିତ୍ତିଭୂମି ଓ ଯାତ୍ରୀ ପରିଷେବାକୁ ନିରୀକ୍ଷଣ କରିଛନ୍ତି । ଏହି ନିରୀକ୍ଷଣ ସମୟରେ ସମ୍ବଲପୁର ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକଙ୍କ ସହିତ ରେଳପଥ ମୁଖ୍ୟାଳୟର ବରିଷ୍ଠ ଅଧିକାରୀ, ପ୍ରକଳ୍ପ ନିର୍ମାଣକାରୀ ଅଧିକାରୀ ପ୍ରତିନିଧୀମାନେ ଶ୍ରୀ ଫୁଙ୍କୱାଲଙ୍କ ସହ ନିରୀକ୍ଷଣ କାର୍ଯ୍ୟରେ ସହଯୋଗ କରିଥିଲେ । ନିରୀକ୍ଷଣ ସମୟରେ ଶ୍ରୀ ଫୁଙ୍କୱାଲ ଖୋର୍ଦ୍ଧା ରୋଡ-ବଲାଙ୍ଗୀର ପ୍ରକଳ୍ପର ଅଗ୍ରଗତିର ସମୀକ୍ଷା କରିଥିଲେ ଏବଂ ଧାର୍ଯ୍ୟ ସମୟସୀମା ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଉପାନ୍ତ ଅଞ୍ଚଳରେ ଏହି ସାର୍ବଜନୀନ କୈନ୍ଦ୍ରିକ ପ୍ରକଳ୍ପକୁ ରେଳ ମନ୍ତ୍ରଣାଳୟ ଦ୍ୱାରା ପ୍ରତ୍ୟକ୍ଷ ଭାବେ ନଜର ରଖାଯାଇଛି ।ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ମୋଟ ୩୦୧ କିଲୋମିଟର ମଧ୍ୟରୁ ୧୫୨.୮୦୫ କିଲୋମିଟର କାର୍ଯ୍ୟକ୍ଷମ ହୋଇଛି । ପ୍ରକଳ୍ପର ଶୀଘ୍ର ସମାପ୍ତ ହେବା ସୁନିଶ୍ଚିତ କରିବାକୁ ରେଳବାଇ ଉଭୟ ପାର୍ଶ୍ୱରୁ ଅର୍ଥାତ୍ ଖୋର୍ଦ୍ଧା ରୋଡ୍ ଏବଂ ବଲାଙ୍ଗୀର ପାର୍ଶ୍ୱରୁ ଏହି ଲାଇନର ନିର୍ମାଣ କାର୍ଯ୍ୟ ଚ଼ାଲୁରଖିଛି । ବର୍ତ୍ତମାନ ପର୍ଯ୍ୟନ୍ତ ଖୋର୍ଦ୍ଧା ରୋଡରୁ ଦଶପଲ୍ଲା ପର୍ଯ୍ୟନ୍ତ ୧୦୫.୮ କିଲୋମିଟର ଏବଂ ବଲାଙ୍ଗୀରରୁ ସୋନପୁର ପର୍ଯ୍ୟନ୍ତ ୪୭ କିଲୋମିଟର କାର୍ଯ୍ୟ ସମାପ୍ତ ହୋଇଛି । ସୋନପୁରରୁ ପୁରୁଣାକଟକ ପର୍ଯ୍ୟନ୍ତ ପ୍ରାୟ ୭୩ କିଲୋମିଟର ଦୈର୍ଘ୍ୟ ରେଳ ଲାଇନକୁ ଆସନ୍ତା କିଛି ମାସ ମଧ୍ୟରେ ଶେଷ କରିବାକୁ ରେଳବାଇ ଆଶା ରଖିଛି ।ଭିତ୍ତିଭୂମି ତଥା ବିକାଶମୂଳକ କାର୍ଯ୍ୟ ତଥା ଯାତ୍ରୀଙ୍କ ସୁବିଧା ଉପରେ ଧ୍ୟାନ ଦେଇ ଶ୍ରୀ ଫୁଙ୍କୱାଲ ସମ୍ବଲପୁର-ଜରପଡା ରେଳ ସେକ୍ସନକୁ ମଧ୍ୟ ନିରୀକ୍ଷଣ କରିଥିଲେ । ଏହି ପ୍ରକଳ୍ପଗୁଡିକର ଶୀଘ୍ର ସମାପ୍ତି ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସେ ଅଧିକାରୀମାନଙ୍କୁ ନିର୍ଦେଶ ଦେଇଛନ୍ତି ।ଏଥିସହ ଶ୍ରୀ ଫୁଙ୍କୱାଲ ଶନିବାର ଦିନ ଯଖପୁରା-ଜାରୋଲି ରେଳ ଲାଇନର କେନ୍ଦୁଝର-ନୟାଗଡ଼ ରେଳ ସେକ୍ସନ ନିରୀକ୍ଷଣ କରି କେନ୍ଦୁଝର ଅଞ୍ଚଳରେ ଯାତ୍ରୀଙ୍କ ସୁବିଧା ତଥା ଟ୍ରାଫିକ ସୁବିଧା ଉପରେ ଗୁରୁତ୍ୱାରୋପ କରିଥିଲେ । ଯାତ୍ରୀମାନଙ୍କ ସୁବିଧା ପାଇଁ ନୟାଗଡ଼ ଏବଂ କେନ୍ଦୁଝରଗଡ଼ ଷ୍ଟେସନରେ ଯାତ୍ରୀ ପରିଷେବା ସୁଦୃଢ଼ କରିବା ପାଇଁ ଗୁରୁତ୍ୱାରୋପ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ଅଧିକାରୀ ମାନଙ୍କୁ ଆଦେଶ ଦେଇଛନ୍ତି । ଲୋକୋ ପାଇଲଟ୍, ଆସିଷ୍ଟାଣ୍ଟ ଲୋକୋ ପାଇଲଟ୍ ଏବଂ ଟ୍ରେନ୍ ମ୍ୟାନେଜରଙ୍କ ସମେତ ରନିଙ୍ଗ କର୍ମଚ଼ାରୀଙ୍କ ପାଇଁ ଏକ କଲ୍ୟାଣମୂଳକ ପଦକ୍ଷେପରେ ଶ୍ରୀ ଫୁଙ୍କୱାଲ୍ ରନିଙ୍ଗ ରୁମରେ ଥିବା ସୁବିଧାଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ ମହାପ୍ରବନ୍ଧକ ମଧ୍ୟ ସେମାନଙ୍କର ଆବଶ୍ୟକତା ବୃଦ୍ଧି କରାଇବା ପାଇଁ କର୍ମଚ଼ାରୀଙ୍କ ସହ ପ୍ରତ୍ୟକ୍ଷ ଭାବେ ଆଲୋଚ଼ନା କରିଥିଲେ ଏବଂ ସେମାନଙ୍କ ସୁବିଧା ବୃଦ୍ଧି ପାଇଁ ପଦକ୍ଷେପ ବିଷୟରେ ଆଲୋଚ଼ନା କରିଥିଲେ ।ପୂର୍ବତଟ ରେଳପଥ ଏହି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପ ଗୁଡିକର ଠିକ୍ ସମୟରେ ସମାପ୍ତ କରିବାକୁ ପ୍ରତିଶ୍ରୁତିବଦ୍ଧ ଏବଂ ଏହାର ନେଟୱାର୍କରେ ଯାତ୍ରୀଙ୍କ ଆରାମଦାୟକ ସୁବିଧା ପ୍ରଦାନ ଏବଂ ନିରାପତ୍ତାକୁ ପ୍ରାଥମିକତା ଦେଇ ଚ଼ାଲିଛି । ଶ୍ରୀ ପରମେଶ୍ୱର ଫୁଙ୍କୱାଲଙ୍କ ଦ୍ୱାରା ଗତ ଦୁଇଦିନ ଧରି ହୋଇଥିବା ନିରୀକ୍ଷଣ ସମୟରେ ପ୍ରମୁଖ କାର୍ଯ୍ୟକଳାପ ଏବଂ ପଦକ୍ଷେପ, ପୂର୍ବ ତଟ ରେଳବାଇର କାର୍ଯ୍ୟକ୍ଷମ ଅଞ୍ଚଳରେ ଉଭୟ ଭିତ୍ତିଭୂମି ବିକାଶ ତଥା ଯାତ୍ରୀ କଲ୍ୟାଣ ଉପରେ ଗୁରୁତ୍ୱାରୋପ କରାଯାଇଅଛି ।।

# ଜୁନିଅର କଲେଜର ପ୍ରଥମ ପର୍ଯ୍ୟାୟ କଟଅଫ ମାର୍କ ପ୍ରକାଶିତ

ଧର୍ମଶାଳା,(ପିଏନ୍): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ କଳା, ବିଜ୍ଞାନ ଓ ବାଣିଜ୍ୟ ପାଠ୍ୟକ୍ରମର କଟଅଫ ମାର୍କ ଆଜି ପ୍ରକାଶ ପାଇଛି । ଏହି କ୍ରମରେ ଧର୍ମଶାଳା ବ୍ଲକର ଧର୍ମଶାଳା ଜୁନିଅର କଲେଜରେ କଳାରେ ସାଧାରଣ ବର୍ଗର ଛାତ୍ରଛାତ୍ରୀ ପାଇଁ ୫୦ପ୍ରତିଶତ ରହିଥିବା ବେଳେ ଅନୁସୁଚିତ ଜନଜାତି ପାଇଁ ୩୩.୮୩ ଓ ଅନୁସୁଚିତ ଜାତି ପାଇଁ ୩୫.୩୩ ଭାଗ କଟଅଫ ମାର୍କ ରଖାଯାଇଛି । ଏହି କଲେଜରେ ବିଜ୍ଞାନରେ ସାଧାରଣ ବର୍ଗ ପାଇଁ ୪୬.୮୩ ଓ ଅନୁସୁଚିତ ଜାତି ପାଇଁ ୩୫.୩୩ ରଖାଯାଇଥିବା ବେଳେ ବାଣିଜ୍ୟ ସାଧାରଣ ବର୍ଗ ପାଇଁ ୩୮.୬୭ ପ୍ରତିଶତ ରଖାଯାଇଛି । କୋଠପୁରସ୍ଥିତ ବଜ୍ରଗିରି ଜୁନିଅର କଲେଜରେ କଳାରେ ସାଧାରଣ ବର୍ଗର ଛାତ୍ରଛାତ୍ରୀ ପାଇଁ ୪୧.୬୭ପ୍ରତିଶତ ରହିଥିବା ବେଳେ ଅନୁସୁଚିତ ଜାତି ପାଇଁ ୩୩ ଭାଗ କଟଅଫ ମାର୍କ ରଖାଯାଇଛି । ଏହି କଲେଜରେ ବିଜ୍ଞାନରେ ସାଧାରଣ ବର୍ଗ ପାଇଁ ୫୨.୮୩ ଓ ଅନୁସୁଚିତ ଜାତି ପାଇଁ ୩୩ ପ୍ରତିଶତ ରଖାଯାଇଛି । ବଳରାମପୁରସ୍ଥିତ ମୁକୁନ୍ଦପାତ୍ର ଜୁନିଅର କଲେଜରେ କଳାରେ ସାଧାରଣ ବର୍ଗ ପାଇଁ ୪୨.୩୩,ଅନୁସୁଚିତ ଜନଜାତି ପାଇଁ ୩୩ ଓ ଅନୁସୁଚିତ ଜାତି ପାଇଁ ୩୩ ପ୍ରତିଶତ କଟଅଫ ମାର୍କ ରଖାଯାଇଛି । ଏହି କଲେଜରେ ବିଜ୍ଞାନରେ ସାଧାରଣ ବର୍ଗ ପାଇଁ ୩୩ ପ୍ରତିଶତ ରଖାଯାଇଛି । ଚଡେଇଧରାସ୍ଥିତ ଜଗନାଥଜିୟୁ ଜୁନିଅର କଲେଜରେ କଳାରେ ସାଧାରଣ ବର୍ଗ ପାଇଁ ୩୭,ଅନୁସୁଚିତ ଜନଜାତି ପାଇଁ ୩୩ ଓ ଅନୁସୁଚିତ ଜାତି ପାଇଁ ୩୩ ପ୍ରତିଶତ ଓ ବିଜ୍ଞାନରେ ସାଧାରଣ ବର୍ଗ ପାଇଁ ୫୫.୩୩ ଓ ଅନୁସୁଚିତ ଜାତି ପାଇଁ ୪୦.୩୩ କଟଅଫ ମାର୍କ ରଖାଯାଇଛି । ଧର୍ମଶାଳା ମହିଳା ଜୁନିଅର କଲେଜରେ କଳାରେ ସାଧାରଣ ବର୍ଗ ପାଇଁ ୪୦, ଅନୁସୁଚିତ ଜନଜାତି ପାଇଁ ୩୪.୧୭ ଓ ଅନୁସୁଚିତ ଜାତି ପାଇଁ ୩୩ ପ୍ରତିଶତ କଟଅଫ ମାର୍କ ରଖାଯାଇଛି । ଜେନାପୁର ଜୁନିଅର କଲେଜରେ କଳାରେ ସାଧାରଣ ବର୍ଗ ପାଇଁ ୪୦, ଅନୁସୁଚିତ ଜନଜାତି ପାଇଁ ୩୩ ଓ ଅନୁସୁଚିତ ଜାତି ପାଇଁ ୩୩ ପ୍ରତିଶତ କଟଅଫ ମାର୍କ ରଖାଯାଇଛି । ଜାରକାସ୍ଥିତ ରେନେସା ଜୁନିଅର କଲେଜରେ କଳାରେ ସାଧାରଣ ବର୍ଗ ପାଇଁ ୩୬.୫୦ ରଖାଯାଇଥିବା ବେଳେ ବିଜ୍ଞାନରେ ସାଧାରଣ ବର୍ଗ ପାଇଁ ୪୮.୮୩ ଓ ଅନୁସୁଚିତ ଜାତି ପାଇଁ ୪୪.୪୦ କଟଅଫ ମାର୍କ ରଖାଯାଇଛି । ଜାରକାସ୍ଥିତ ଗୋକର୍ଣ୍ଣିକା ଜୁନିଅର କଲେଜରେ ବିଜ୍ଞାନରେ ସାଧାରଣ ବର୍ଗ ପାଇଁ ୩୭.୬୭ କଟଅଫ ମାର୍କ ରଖାଯାଇଛି । କଟଅଫ ମାର୍କ ତାଲିକାରେ ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ଆସ'। ୨୨ ତାରିଖରୁ ୨୭ ତାରିଖ ମଧ୍ୟରେ ସମ୍ପୃକ୍ତ କଲେଜ ଗୁଡିକରେ ନାମ ଲେଖାଇବେ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray